# ଦୁର୍ଗମ ଅଞ୍ଚଳକୁ ଯାଉନାହାନ୍ତି ଡାକ୍ତର

### ଗ୍ରାମାଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ରାୟଗଡ଼ା, ୯।୧୦(ଆଶିଷ ରଞ୍ଜନ ପଣ୍ଡା)

ଗ୍ରାମାଞ୍ଚଳରେ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ହେଲେ ଅଧିକାଂଶ ପିଏଚ୍‌ସିରେ ଡାକ୍ତର ନ ଥିବା ଯୋଗୁ ଗ୍ରାମାଞ୍ଚଳ ଲୋକେ ଉଚିତ ସ୍ୱାସ୍ଥ୍ୟସେବା ପାଇପାରୁ ନ ଥିବା ଅଭିଯୋଗ ହେଉଛି। ଏପରିକି କିଛି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ଅପହଞ୍ଚ ଅଞ୍ଚଳ ଯୋଗୁ ଡାକ୍ତରମାନେ ନିଯୁକ୍ତି ପାଇଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉନାହାନ୍ତି। ଫଳରେ ବର୍ଷ ବର୍ଷ ଧରି ବିନା ଡାକ୍ତରରେ ଚାଲିଛି ସ୍ୱାସ୍ଥ୍ୟସେବା।

ଜିଲାର ୧୧ଟି ବ୍ଲକରେ ୧୧ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୩୬ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେଥିମଧ୍ୟରୁ କାଶୀପୁର ସିଏଚ୍‌ସି ଅଧୀନରେ ୬ଟି, ପଦ୍ମପୁର ଅଧୀନରେ ୪ଟି, ବିଷମକଟକ ଅଧୀନରେ ୪ଟି, ମୁନିଗୁଡ଼ା ଅଧୀନରେ ୩ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେହିଭଳି ରାୟଗଡ଼ା ବ୍ଲକ ଜେମାଦେଇପେଣ୍ଠ ସିଏଚ୍‌ସି ଅଧୀନରେ ୫ଟି, ରାମନାଗୁଡ଼ା ଅଧୀନରେ ୨ଟି, କୋଲନରା ଅଧୀନରେ ୨ଟି, କଲ୍ୟାଣସିଂହପୁର ଅଧୀନରେ ୩ଟି, ଗୁଣପୁର ବ୍ଲକର ଜଗନ୍ନାଥପୁର ସିଏଚ୍‌ସି ଅଧୀନରେ ୨ଟି, ଗୁଡ଼ାରୀ ଅଧୀନରେ ୨ଟି ଏବଂ ଚନ୍ଦ୍ରପୁର ଅଧୀନରେ ୨ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଅଧିକାଂଶ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁ ଲୋକେ ସାମାନ୍ୟ



କେରେଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ।

ଚିକିତ୍ସା ସୁବିଧା ପାଇପାରୁ ନ ଥିବା ଅଭିଯୋଗ ହେଉଛି। ଫଳରେ ଖର୍ଚ୍ଚାନ୍ତ ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟ ସ୍ଥାନକୁ ଯାଇ ଚିକିତ୍ସା କରିବାକୁ ପଡୁଥିବା ଲୋକେ କହିଛନ୍ତି। କାଶୀପୁର ବ୍ଲକର ସୁଙ୍ଗେର, ଡଙ୍ଗାସିଲ, କୁଚେଇପଦର ଓ ଗୋରଖପୁର ପିଏଚ୍‌ସିରେ ଡାକ୍ତର ଥିଲେ ମଧ୍ୟ ପ୍ରାୟସମୟ ଡାକ୍ତର ସେଠାରେ ରହୁ ନ ଥିବାରୁ ଲୋକେ କାଶୀପୁର ଏବଂ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି । ସେହିପରି ମାଣ୍ଡିବିସିଠାରେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ମିଳିଥିଲେ ମଧ୍ୟ ତାଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନରେ ପଠାଇ ଦିଆଯାଇଛି । ଫଳରେ ମାଣ୍ଡିବିସି ପିଏଚ୍‌ସିରେ କୌଣସି ଡାକ୍ତର ନ ଥିବାରୁ ରୋଗୀ ସ୍ୱାସ୍ଥ୍ୟସେବା ପାଇପାରୁନାହାନ୍ତି। ସେହିଭଳି ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତର ଛୁଟିରେ ରହିଥିବା ଜଣାପଡ଼ିଛି। ମୁନିଗୁଡ଼ା ବ୍ଲକର କୁମୁଡ଼ାବାଲି ପିଏଚ୍‌ସିରେ ଜଣେ ଡାକ୍ତର ନିଯୁକ୍ତି ହୋଇଥିବା ନେଇ ସୂଚନା ଥିବା ବେଳେ ୨୦୨୧ ସେପ୍ଟେମ୍ବର ୧୭ ତାରିଖରୁ ଉକ୍ତ କେନ୍ଦ୍ରରେ କୌଣସି ଡାକ୍ତର ନ ଥିବା ବିଭାଗୀୟ ସୂଚନାରୁ ଜଣାପଡ଼ିଛି। ସେହିପରି ବିଭାଗୀୟ ତଥ୍ୟ ଅନୁସାରେ ଜେମାଦେଇପେଣ୍ଠ ସିଏଚ୍‌ସି ଅଧୀନରେ ଥିବା କେରେଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତର ନିଯୁକ୍ତି ପାଇଥିବା ବେଳେ ସେଠାରେ କୌଣସି ଡାକ୍ତରଙ୍କୁ ଦେଖିବାକୁ ମିଳୁନି । ଏଭଳିକି ସେଠାରେ କୌଣସି ଡାକ୍ତର ନିଯୁକ୍ତି ହୋଇଥିବା ଅଞ୍ଚଳବାସୀ ଜାଣିନାହାନ୍ତି । ଜେମାଦେଇପେଣ୍ଠ ସିଏଚସି ଅଧୀନରେ ଖିଲମିସଗୁଡ଼ା ଗ୍ରାମ ନାଗାବଳୀ ନଦୀ ଆରପାରିରେ ରହିଥିବା ଯୋଗୁ ଏବଂ ଏହି ଗ୍ରାମକୁ ଯିବା ପାଇଁ ପୋଲ ନ ଥିବାରୁ ଉକ୍ତ ଗ୍ରାମରେ ଆରମ୍ଭ କରାଯାଇଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାତ୍ର ଗୋଟିଏ ଦିନ ଖୋଲିବା ପରେ ବନ୍ଦ ହୋଇଯାଇଥିଲା । ତେଣୁ ଖିଲମିସଗୁଡ଼ା ଓ ଏହାର ଆଖପାଖ ଗାଁକୁ ସ୍ୱାସ୍ଥ୍ୟସେବା ପାଇଁ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ସଂଲଗ୍ନ କରିଦିଆଯାଇଛି । ସେହିଭଳି ଗୁଣପୁର ବ୍ଲକ ଜଗନ୍ନାଥପୁର ସିଏଚ୍‌ସି ଅଧୀନରେ ଥିବା ଡମ୍ବସରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିବା ଡାକ୍ତର ପିଜି କରୁଥିବାରୁ ସେ ଅଧିକାଂଶ ସମୟ ସେଠାରେ ରହୁନାହାନ୍ତି। ଗୁଡ଼ାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଢେପାଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତି ପାଇଥିବା ଡାକ୍ତରଙ୍କୁ ଗୁଡ଼ାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନରେ ପଠାଇ ଦିଆଯାଇଥିବାରୁ ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରହୁଛନ୍ତି । ସେହିଭଳି ସର୍ଗିଗୁଡ଼ାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କୌଣସି ଡାକ୍ତର ନ ଥିବା ବିଭାଗୀୟ ସୂଚନାରୁ ଜଣାପଡ଼ିଛି। ତେଣୁ ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଏହାର ସ୍ଥାୟୀ ସମାଧାନ କଲେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାରେ ସୁଧାର ଆସିପାରିବ ବୋଲି ଦାବି ହୋଇଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଲାଲମୋହନ ରାଉତରାୟଙ୍କୁ ଫୋନ କରାଯାଇଥିଲେ ହେଁ ସେ ଫୋନ୍ ଉଠାଇ ନ ଥିବାରୁ ଯୋଗାଯୋଗ ସମ୍ଭବପର ହୋଇପାରି ନାହିଁ।

## ସଂକ୍ଷେପରେ

### ହାବିଲଦାର, କନ୍‌ଷ୍ଟେବଲ ଶାଖା ସଂଘ ନିର୍ବାଚନ

ରାୟଗଡା,୯।୧୦ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ଜିଲା ହାବିଲଦାର ଓ କନଷ୍ଟେବଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ସଭାପତି ପଦବୀ ପାଇଁ ଅନିଲ ଦଣ୍ଡସେନା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରତ୍ନମଣି ସାହୁଙ୍କୁ ୩୩ ଖଣ୍ଡ ଭୋଟରେ ହରାଇ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ପଦ ପାଇଁ ସତ୍ୟଜିତ ମହାପାତ୍ର ୪୪ ଖଣ୍ଡ ଭୋଟରେ ତ୍ରିଲୋଚନ ନାଏକଙ୍କୁ ହରାଇଛନ୍ତି। ସେହିଭଳି ଉପସଭାପତି ଭାବେ ଦିଲ୍ଲୀପ ସିଂହ, କୋଷାଧ୍ୟକ୍ଷ ଭାବେ ସଞ୍ଜୟ ଗମାଙ୍ଗ, ଯୁଗ୍ମ ସମ୍ପାଦକ ଭାବେ ରାଜେଶ ଲାକ୍ରା ଓ ଶ୍ୟାମସୁନ୍ଦର ସାହୁ ବିଜୟ ଲାଭ କରିଛନ୍ତି । ସଂଘର ସଭ୍ୟ ରୂପେ ସଦାନନ୍ଦ ଶତପଥୀ,ରାମ ରାଓ ଗୁମୁଡାନି,ଶିବ ଶଙ୍କର ମାଣ୍ଡାଙ୍ଗି,କେଶବ ବେହେରା ଓ କାହ୍ନୁ ଚରଣ ସାହୁଙ୍କୁ ସହ ୫ ଜଣ ଚୟନ ହେଇଛନ୍ତି। ଗତ ୭ ତାରିଖରେ ଭୋଟଦାନ ହୋଇଥିବା ବେଳେ ରବିବାର ଏହାର ଫଳାଫଳ ଘୋଷଣା କରାଯାଇଥିଲା। ଜିଲାର ୧୭ଟି ଥାନା, ୩ ଟି ଫାଣ୍ଡି ଓ ଗୋଟିଏ ବିଟ୍ ହାଉସର ୪୯୯ ପୋଲିସ କର୍ମଚାରୀ ଥିବା ବେଳେ ୪୭୦ ଖଣ୍ଡ ଭୋଟ ପଡ଼ିଥିଲା। ନିର୍ବାଚନ ଅଧିକାରୀ ଭାବେ ଏମ୍‌ପି ବିବେକାନନ୍ଦ ଶର୍ମା ଏହି ଫଳାଫଳ ଘୋଷଣା କରିଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଡିଭିଜନ ଡିଏସପି ସୁଦାମା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଭୋଟଦାନ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିବା ବେଳେ ସେମାନଙ୍କୁ ଆରଆଇ ଚୂଡ଼ାମଣି ନାୟକ, ଇନ୍ସପେକ୍ଟର କଳ୍ପନା ବେହେରା, ସର୍ଜେଣ୍ଟ ମୋତିଲାଲ ତାଡିଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

### ଜଗନ୍ନାଥ ମନ୍ଦିର ଉନ୍ନୟନ କମିଟି ବୈଠକ

ଗୁଣପୁର,୯।୧୦ (ପ୍ରଦୀପ କୁମାର ପାଢୀ)

ଗୁଣପୁର ଜଗନ୍ନାଥ ମନ୍ଦିର ପରିସରରେ ମନ୍ଦିର ଉନ୍ନୟନ ପରିଷଦ କମିଟିର ନୂତନ ଗୃହଠାରେ ରବିବାର ସନ୍ଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। କମିଟିର ସଭାପତି ତଥା ଜିଆଇଇଟି ବିଶ୍ୱ ବିଦ୍ୟାଳୟର ସଭାପତି ଡ.ସତ୍ୟ ପ୍ରକାଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମନ୍ଦିରର ଉନ୍ନତି ସହ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ତହସିଲଦାର ଶରତ ଚନ୍ଦ୍ର ନାୟକ, କମିଟିର ସମ୍ପାଦକ ନିରଞ୍ଜନ ପାଢୀ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଆସିଥିବା ୨୦ ଲକ୍ଷ ଟଙ୍କାରୁ ଜଗନ୍ନାଥ ମନ୍ଦିରର ଉନ୍ନତି ପାଇଁ ୧୦ ଲକ୍ଷ ଏବଂ ଗୁଣ୍ଡିଚା ମନ୍ଦିର ପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ପାଇଁ ସ୍ଥିର ହୋଇଥିଲା। ସିଂହଦ୍ୱାର ନିର୍ମାଣ ସହ ମନ୍ଦିର ପ୍ରାଙ୍ଗଣରେ ଉପବନ ନିର୍ମାଣ ପାଇଁ ଆଲୋଚନା ହୋଇଥିଲା। ଏଥି ସହ ଦୈନନ୍ଦିନ ନିତିକାନ୍ତି ସୁପରିଚାଳନା ଉପରେ ମଧ୍ୟ ଆଲୋଚନା କରାଯିବା ସହ ନୂତନ ସେବାୟତ ନିଯୁକ୍ତି ପାଇଁ ସ୍ଥିର ହୋଇଥିଲା। ରଥଯାତ୍ରାର ଆୟବ୍ୟୟ ଅଟକଳ ଆସନ୍ତା ୧୮ତାରିଖ ବୈଠକରେ ଉପସ୍ଥାପନା କରାଯିବା ପାଇଁ ସ୍ଥିର ହୋଇଥିଲା। ତ୍ରିପତି ମହାନ୍ତି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଡ. ସୂର୍ଯ୍ୟ ନାରାୟଣ ପଣ୍ଡା ଗୁଣ୍ଡିଚା ମନ୍ଦିର ନିର୍ମାଣ କାର୍ଯ୍ୟର ଆୟବ୍ୟୟ ଉପସ୍ଥାପନା କରିଥିଲେ।

# ଗୋପବନ୍ଧୁଙ୍କୁ ଭାରତରତ୍ନ ପ୍ରଦାନ ଦାବି



ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ଅତିଥିମାନେ।

ରାୟଗଡା,୯।୧୦(ଭାଗ୍ୟଶ୍ରୀ ମିଶ୍ର):

ରାୟଗଡ଼ା ସହରର ଗାନ୍ଧୀ ପ୍ରମୋଦ ଉଦ୍ୟାନଠାରେ ସୋମବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୬ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାର୍କରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାୟଗଡ଼ା ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ଶିକ୍ଷାବିତ୍ ଡ. ଦୁଷ୍ମନ୍ତ କୁମାର ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ବରିଷ୍ଠ ଖବରଦାତା ତଥା ଜିଲା ସର୍ବୋଦୟ ମଣ୍ଡଳର ସମ୍ପାଦକ ଡକ୍ଟର ବାଦଲ ତା,ସଭାପତି ବିଜୟ କୁମାର ବାବୁ, ଗୋପୀନାଥ ସାହୁ ପ୍ରମୁଖ ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଭିନ୍ନକ୍ଷମ ମହାସଂଘ, ସାମ୍ବାଦିକ ସଂଘ ଓ ସେବା ସମାଜର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ସ୍ମାରକପତ୍ର ଦେବା ଉଦ୍ଦେଶ୍ୟରେ ହସ୍ତାକ୍ଷର ଅଭିଯାନ ଆରମ୍ଭ କରାଯାଇଛି । ଏଥିରେ ଆଇନ ମନ୍ତ୍ରୀଙ୍କ ସମେତ ଉପସ୍ଥିତ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି, ଛାତ୍ରୀଛାତ୍ର ଓ ଖବରଦାତାମାନେ ସ୍ୱାକ୍ଷର କରିଥିଲେ। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବର୍ତ୍ତମାନ ସୁଦ୍ଧା ୪୮ଜଣ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ "ଭାରତରତ୍ନ ପାଇଥିବାବେଳେ ତନ୍ମଧ୍ୟରୁ ୧୪ ଜଣଙ୍କୁ ମରଣୋତ୍ତର "ଭାରତରତ୍ନ" ମିଳି ସାରିଛି। ଓଡ଼ିଶାର କେହି ଜଣେ ବି ବରପୁତ୍ର ଏହି ତାଲିକାରେ ନ ରହିବା ଓଡ଼ିଆଙ୍କ ପାଇଁ ଅନୁଶୋଚନାର ବିଷୟ ବୋଲି ଉଲ୍ଲେଖ କରାଯାଇଛି। ଓଡ଼ିଆଙ୍କ ପ୍ରିୟ ଉତ୍କଳମଣିଙ୍କ ନାମକୁ ମରଣୋତ୍ତର ଭାରତରତ୍ନ ସମ୍ମାନ ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ସହିତ ଦାବି ଉପସ୍ଥାପିତ କରିବାକୁ ଦାବି ହୋଇଛି।

# ଡାକ ଟିକେଟ ପ୍ରଦର୍ଶନୀ ପାଇଁ ଲୋଗୋ ଉନ୍ମୋଚିତ



ପ୍ରଦର୍ଶନୀର ଲୋଗୋ ଓ ବିବରଣିକା ପୁସ୍ତିକା ଉନ୍ମୋଚନ କରାଯାଉଛି।

ରାୟଗଡ଼ା,୯।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଡାକ ବିଭାଗ ମଣ୍ଡଳ ପକ୍ଷରୁ ପ୍ରଥମ ଜିଲାସ୍ତରୀୟ ଡାକ ଟିକେଟ ପ୍ରଦର୍ଶନୀ ନଭେମ୍ବର ୧୮ ଓ ୧୯ତାରିଖରେ ଅନୁଷ୍ଠିତ ହେବ । ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଣ୍ଡଳ ଅଧୀକ୍ଷକ ମୀନକେତନ ପ୍ରଧାନ ଏହି ସୂଚନା ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ଡାକ ଟିକେଟ ସଂଗ୍ରାହକ ଅଜିତ କୁମାର ରାଉତ, ସହ ଅଧୀକ୍ଷକ ସି.ଏଚ. ଜବାହର ରାଓ ଓ ହେଡ଼ ପୋଷ୍ଟ ଅଫିସ ପୋଷ୍ଟମାଷ୍ଟର ତାରିଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ କୃଷ୍ଣଚନ୍ଦ୍ର ନଗର ଭବନଠାରେ ଆୟୋଜିତ ହେବାକୁ ଥିବା ଏହି ପ୍ରଦର୍ଶନୀକୁ ରାୟପେକ୍ସ-୨୦୨୩ ନାମରେ ନାମିତ କରାଯାଇଥିବା ମୀନକେତନ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଦର୍ଶନୀର ଲୋଗୋ ଓ ବିବରଣିକା ପୁସ୍ତିକା ଉନ୍ମୋଚନ କରାଯାଇଛି। ଡାକ ବିଭାଗ ପକ୍ଷରୁ ରାୟଗଡ଼ାରେ ପ୍ରଥମଥର ପାଇଁ ଏହି ପ୍ରଦର୍ଶନୀ ଆୟୋଜନ କରାଯାଉଛି । ପ୍ରଦର୍ଶନୀରେ ୧୦୦ରୁ ଅଧିକ ଫ୍ରେମରେ ଦେଶ ବିଦେଶର ଅନେକ ବିରଳ ଡାକ ଟିକେଟ ଏବଂ ଡାକ ଉପକରଣ ଜିଲା ତଥା ରାଜ୍ୟର ସଂଗ୍ରହକଙ୍କ ଦ୍ୱାରା ପ୍ରଦର୍ଶିତ ହେବ । ଭାରତୀୟ ଡାକ ବିଭାଗ ପକ୍ଷରୁ ଏପାରି କାର୍ଯ୍ୟକ୍ରମକୁ ସବୁ ମହଲରୁ ସ୍ୱାଗତ କରାଯାଇଛି । ଡାକ ଟିକେଟ ସଂଗ୍ରହ ଦ୍ୱାରା ଜ୍ଞାନର ବିକାଶ ହେବା ସହିତ ଯୋଗାଯୋଗର ପ୍ରଚାର ଓ ପ୍ରସାର ହୋଇପାରିବ ବୋଲି ମଞ୍ଚାସୀନ ଅତିଥି କହିଛନ୍ତି । ଡାକ ଟିକେଟ ପ୍ରଦର୍ଶନୀ ସହ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଏବଂ ଲିଖନ ପ୍ରତିଯୋଗିତା କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି ।

# ୧୭ ଛାତ୍ରୀଛାତ୍ର ଉପସ୍ଥାପନ କଲେ ନୂଆ ଚିନ୍ତାଧାରା


ଗୁଣପୁର କଲେଜଠାରେ ଷ୍ଟାର୍ଟ ଅପ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର ।

### ଗୁଣପୁର କଲେଜରେ ଷ୍ଟାର୍ଟ ଅପ୍ ଓଡିଶା କାର୍ଯ୍ୟକ୍ରମ

ଗୁଣପୁର,୯।୧୦ (ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର କଲେଜଠାରେ ଷ୍ଟାର୍ଟ ଅପ୍ ଓଡ଼ିଶା ୨୦୨୩ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜର ୪୦୦ରୁ ଉର୍ଦ୍ଧ୍ୱ ସ୍ନାତକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୭ ଜଣ ଛାତ୍ରୀ ନିଜର ନୂଆ ଚିନ୍ତାଧାରା ଓ ସମସ୍ୟାର ସମାଧାନ ଉପରେ ଆଲୋକପତା କରିଥିଲେ। ସେମାନଙ୍କ ମଧ୍ୟରୁ ୫ଛାତ୍ରୀଛାତ୍ର ବିଷ୍ଣୁ ପାଢୀ, ଅନୁରାଧା କୌଶଲ୍ୟା, ସିମ୍ରନ ପାଢୀ, ପ୍ରତି ୱାଟଲେ ଓ ବିଭୁତି ଗୌଡ ନିଜର ମତ ରଖି ପୁରସ୍କୃତ ହୋଇଥିଲେ। ଏହିକାର୍ଯ୍ୟକ୍ରମରେ ଶିଳ୍ପ ବିକାଶ ଅଧିକାରୀ ସବ୍ୟସାଚୀ ସାହୁ, ଦେବାଶିଷ ମହାନ୍ତି, ଚିତ୍ତ ରଞ୍ଜନ ମଲିକ ଓ ସୁନିଲ ପଟ୍ଟନାୟକ ଉପସ୍ଥିତ ଥିଲେ। ଷ୍ଟାର୍ଟ ଅପ୍ ଓଡିଶା ତରଫରୁ ଭବତୋଷ ଲେଙ୍କା କାର୍ଯ୍ୟକ୍ରମର ଆଭିମୂଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଦିପାର ଲକ୍ଷ୍ମୀକାନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗୁଣପୁର କଲେଜର ଅଧକ୍ଷ ଶଶୀଭୂଷଣ ମହାନ୍ତି ଉପସ୍ଥିତ ରହି ଓଡିଶା ସରକାରଙ୍କ ଏହି ନୂତନ ଚିନ୍ତାଧାରା ତଥା ଅଭିନବ ପ୍ରୟାସକୁ ପ୍ରସଂଶା କରିଥିଲେ। ହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧାପିକା, ଅଧାପକ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

### କମ୍ରେଡ ନାଗଭୂଷଣଙ୍କ ଶ୍ରାଦ୍ଧ ଦିବସ

ଗୁଣପୁର,୯।୧୦(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁରଠାରେ ସୋମବାର ସିପିଆଇ ଏମଏଲ ଲିବରେସନ ପକ୍ଷରୁ କମ୍ରେଡ ନାଗଭୂଷଣ ପଟ୍ଟନାୟକଙ୍କ ୨୫ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଏହି ଅବସରରେ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟଠାରୁ ଏକ ଶୋଭାଯାତ୍ରା ବାହାରି ବାଇପାସ ଛକଠାରେ ପହଞ୍ଚି ଥିଲା । ସେଠାରେ ନାଗଭୂଷଣଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ସ୍ମୃତିଚାରଣ କରାଯାଇଥିଲା। ଦଳର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ, ମୋଟର କର୍ମଚାରୀ ସଂଘର ସଭାପତି ଫଣୀଭୂଷଣ ପଟ୍ଟନାୟକ, ପି ଭେଙ୍କଟ ରାଓ, ରାଜକିଶୋର, ଅନାସିମ ଶବର, ନିରଞ୍ଜନ ଶବର ପୁଷ୍ପ ମାଲ୍ୟାର୍ପଣ କରି ସ୍ୱର୍ଗତ ପଟ୍ଟନାୟକଙ୍କ ଅବଦାନ ସମ୍ପର୍କରେ କହିଥିଲେ । ଏହି କାର୍ଯ୍ୟକ୍ରମରେ କରୁଣାକର ଲିମା, ମିନ ଶବର, ଗଣେଶ ଶବର, ମୋଜସ ଶବର, ମୋଟର କର୍ମଚାରୀ ସଂଘର ସମ୍ପାଦକ ଭେଙ୍କେଟ ରାମଣା, କୋଷାଧ୍ୟକ୍ଷ କିଶୋର ଚନ୍ଦ୍ର ମହାନ୍ତିଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ସାଇବର ଠକେଇରୁ ସୁରକ୍ଷା ପାଇଁ ସଚେତନତା

ଗୁଡ଼ାରି,୯।୧୦ (ପ୍ରମୋଦ କୁମାର ପତି)




ଗୁଡ଼ାରି ପୋଲିସ ପକ୍ଷରୁ ସୋମବାର ସ୍ଥାନୀୟ ହାଇସ୍କୁଲ ପରିସରରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁଡାରି ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ହୃଷୀକେଶ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ସାରା ଦେଶରେ ସାଇବର ଠକଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। ସାଇବର ଠକାମିର ଶିକାର ନ ହେବା ଏବଂ ନିଜ କଷ୍ଟ ଅର୍ଜିତ ଧନ ସମ୍ପତ୍ତିର ସୁରକ୍ଷା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ସାଇବର ସୁରକ୍ଷା ସଚେତନ ରଥ ପ୍ରଦର୍ଶିତ ହୋଇଥିଲା। ଏହି ରଥକୁ ସ୍ଥାନୀୟ ଗାନ୍ଧୀଛକ ନିକଟରୁ ଆଦିବାସୀ ପାରମ୍ପରିକ ନୃତ୍ୟ ଓ ଛାତ୍ରୀଛାତ୍ରଙ୍କ କରତାଳିରେ ସ୍ୱାଗତ କରାଯାଇଥିଲା। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କୁନି ଝିଅ ଦେବାଂଶୀ ବେହେରାଙ୍କ ନୃତ୍ୟ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଡିଗ୍ରୀ କଲେଜ ଅଧକ୍ଷ ଅମୂଲ୍ୟ କୃଷ୍ଣ ପ୍ରଧାନ, ସିଡିପିଓ ସବିତା ରାଣୀ ବ୍ରହ୍ମା, ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଜ କିଶୋର ସାହୁ, ଏସ୍‌ଏସ୍‌ଡି ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋଜ ଗମାଙ୍ଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବେଳେ ସ୍ଥାନୀୟ ଜନସାଧାରଣ, ଅଙ୍ଗନୱାଡି କର୍ମୀ, ଖବରଦାତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଥାନା ଇନ୍ସପେକ୍ଟର ସୋମନାଥ ଦଳବେହେରା,ରାଜେଶ୍ୱର ଶବରଙ୍କ ସମେତ ଥାନାର ସମସ୍ତ ପୋଲିସ ଓ ହୋମଗାର୍ଡ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୋପବନ୍ଧୁଙ୍କ ଜନ୍ମ ଉତ୍ସବ

ଗୁଡାରି,୯।୧୦(ପ୍ରମୋ କୁମାର ପତି)

ଗୁଡାରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସୋମବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୀଳାମ୍ବର ଶବର ଯୋଗଦେଇ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରାରମ୍ଭ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ସାହୁ ଗୋପବନ୍ଧୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ପରେ ଗୁରୁମା ଗୁରୁଜୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ କୃଷ୍ଣ ପ୍ରସାଦ ସାହୁ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ପରେ ଗୁରୁଜୀ ଗୁରୁମା ମିଳିତ ଭାବେ ଗୁଡାରି ରାଧାକୃଷ୍ଣ ମନ୍ଦିର, ଶିଶୁ ଉଦ୍ୟାନକୁ ଯାଇ ସ୍ୱଚ୍ଛତା କାର୍ଯ୍ୟ କରିଥିଲେ ।

# ୪୦ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ

### ଗୁଣପୁର ସଦର ମହକୁମାଠାରେ ଯୁଗ୍ମ ଅଭିଯୋଗ ଶୁଣାଣି

ଗୁଣପୁର,୯।୧୦(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ପ୍ରଶାସନ ତରଫରୁ ଗୁଣପୁର ଉପଖଣ୍ଡ ସଦର ମହକୁମାସ୍ଥିତ ଉପ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ନୀହାର ରଞ୍ଜନ କହଁର,ଗୁଣପୁର ଉପ ଜିଲାପାଳ ଲଳିତ କୁମାର କହଁର, ଅତିରିକ୍ତ ଆରକ୍ଷୀ ଅଧିକାରୀ ବିଜୟ କୁମାର ନନ୍ଦ, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ଶାନ୍ତିପ୍ରଭା ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଲାଲମୋହନ ରାଉତରାୟ ପ୍ରମୁଖ ଯୋଗଦାନ କରି ମୋଟ ୪୦ଟି ଅଭିଯୋଗର ଶୁଣାଣି କରିଥିଲେ । ସେଥିମଧ୍ୟରୁ ୩୦ଟି ବ୍ୟକ୍ତିଗତ ଅଭିଯୋଗ ଥିଲାବେଳେ ୧୦ଟି ଗ୍ରାମବାସୀଙ୍କର ସାମୂହିକ ଅଭିଯୋଗ ଥିଲା । ଅତିରିକ୍ତ ଜିଲାପାଳ ସମସ୍ତ ଅଭିଯୋଗ ଶୁଣି ତୁରନ୍ତ ସମାଧାନ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଶେଷକରି ରାସ୍ତା, ପାନୀୟ ଜଳ, ଘର ପଟ୍ଟା ଆଦିର ଦରଖାସ୍ତ ଗ୍ରହଣ କରାଯାଇଥିଲା। ଏହି ଅଭିଯୋଗ ଶିବିରରେ ଜଳ ବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଦୟାନିଧି ବାଘ, ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁନୀଲ ରାଉତ, ଉଠା ଜଳସେଚନ ଯନ୍ତ୍ରୀ ବିନୋଦ ଦାସ, ଗୁଣପୁର ତହସିଲଦାର ଶରତ ଚନ୍ଦ୍ର ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ସହକାରୀ ଜିଲାପାଳ ସତ୍ୟଜିତ ନାୟକ, ପୌର ନିର୍ବାହୀ ଅଧିକାରୀ ଡ. ସତ୍ୟ ସମ୍ପୂର୍ଣ୍ଣା ରାଉତ, ଅତିରିକ୍ତ ତହସିଲଦାର ଅଂଶୁମାନ ପଣ୍ଡା, ଜିଲା ସମାଜ କଲ୍ୟାଣ ଅଧିକାରୀ କାମାକ୍ଷୀ ପାଢ଼ୀ, ଜିଲା ଜରୁରିକାଳୀନ ଅଧିକାରୀ ସୂର୍ଯ୍ୟମଣି ଭୋଇ, ଭାରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ. ସନ୍ତୋଷ କୁମାର, ଜିଲା ମଙ୍ଗଳ ଅଧିକାରୀ ବିଭୂତି ଭୂଷଣ ବିଶ୍ୱାଳ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ । ଏହି ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଉପ ଜିଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ସହାୟକ ଗୀତାଞ୍ଜଳି ଗରିଆଗଡ୍ଡୁ, କନିଷ୍ଠ ସହାୟକ ନନ୍ଦିତା ଶବର ପରିଚାଳନା କରିଥିଲେ ।


ଗୁଣପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବିଭାଗୀୟ ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

# ଗୋଟିଏ କୋଠରିରେ ପଢୁଛନ୍ତି ୫ଶ୍ରେଣୀର ପିଲା

### ବିପଦସଙ୍କୁଳ ଅବସ୍ଥାରେ ଶ୍ରେଣୀଗୃହ

ମୁନିଗୁଡା,୯।୧୦ (ରାଧେଶ୍ୟାମ ଅଗ୍ରୱାଲ)


ପିଲାମାନେ ପାଠ ପଢୁଥିବାବେଳେ ପଛରେ ଚାଉଳ ବସ୍ତା ସହ ଅନ୍ୟ ସାମଗ୍ରୀ ରହିଛି।

ସରକାର ଶିକ୍ଷାର ମାନବୃଦ୍ଧି ପାଇଁ ବିଭିନ୍ନ ସ୍କୁଲକୁ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରି ଅତ୍ୟାଧୁନିକମାନର ସ୍ମାର୍ଟ କ୍ଲାସ, କମ୍ପ୍ୟୁଟର ଲ୍ୟାବ, ଖେଳପଡିଆ, ପାଠ୍ୟ ଉପଯୋଗୀ ଉପକରଣ, ଖେଳ ଉପକରଣ ଆଦି ଯୋଗାଇ ଦେଉଛନ୍ତି। ସେହିପରି ଅନୁସୁଚିତ ଜାତି ଓ ଜନଜାତିର ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ସ୍ୱତନ୍ତ୍ର ବିଭାଗ ଜରିଆରେ ଆବାସିକ ବିଦ୍ୟାଳୟ ଖୋଲାଯାଇ ମାଗଣା ରହିବା, ଖାଇବା ପାଠପଢ଼ା ସୁବିଧା ଯୋଗାଇ ଦିଆଯାଉଛି। ହେଲେ ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଭୈରବଗଡ ଗ୍ରାମ ପଞ୍ଚାୟତର ଲଦିପଙ୍ଗା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ଶୋଚନୀୟ ହୋଇପଡ଼ିଛି। ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫୬ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ଶିକ୍ଷାଦାନ ପାଇଁ ୨ଜଣ ଶିକ୍ଷକ ଅଛନ୍ତି। ହେଲେ ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବ ଯୋଗୁ ଗୋଟିଏ ଶ୍ରେଣୀଗୃହରେ ବାଧ୍ୟ ହୋଇ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ବସାଇ ପାଠ ପଢାଯାଉଛି। ସ୍କୁଲରେ ଥିବା ପୁରୁଣା କୋଠରି ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ସ୍କୁଲ ପରିଚାଳନା କମିଟି ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ଏଥିସହିତ ସେହି ଗୋଟିଏ କୋଠରିରେ ପିଲାମାନେ ପାଠପଢ଼ିବା ସହ ମଧ୍ୟାହ୍ନ ଭୋଜନ ଚାଉଳ ଅନ୍ୟ ସାମଗ୍ରୀ ମଧ୍ୟ ରଖାଯାଉଛି। ପୁରୁଣା ଶ୍ରେଣୀ ଗୃହ ଭାଙ୍ଗି ନୂତନ କୋଠା ନିର୍ମାଣ ପାଇଁ ପରିଚାଳନା କମିଟି ତରଫରୁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ପୁରୁଣା ଶ୍ରେଣୀକକ୍ଷରେ ବସି ପିଲା ପଢୁଥିବାବେଳେ ଯଦି କୌଣସି ଅଘଟଣ ଘଟେ ସେଥିପାଇଁ ପ୍ରଶାସନ ସମ୍ପୁର୍ଣ୍ଣ ରୂପେ ଦାୟୀ ରହିବେ ବୋଲି ସ୍କୁଲ ପରିଚାଳନା କମିଟିର ସଭାପତି ଭୁବୁନି ପୁଷିକା, ସଭ୍ୟ ତ୍ରିନାଥ ପୁଷିକା, ସଭ୍ୟା ଧାନମାଇ କୁମୁରୁକା ଓ ଶ୍ୟାମ ସିକକା କହିଛନ୍ତି। ସେହିପରି ଉକ୍ତ ବିଦ୍ୟାଳୟରେ ପିଲାମାନେ ରହିବା ପାଇଁ ଏକ ୪୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ରହିଛି । ଏହାର ବାହାର ପାଚେରି ଗତ ୪ ମାସ ହେବ ଭାଙ୍ଗିଯାଇଥିବାବେଳେ ଏ ନେଇ ବାରମ୍ବାର ଅଧିକାରୀଙ୍କୁ ଜଣାଇବା ପରେ ବି ପାଚେରୀ ନିର୍ମାଣ ହୋଇପାରି ନାହିଁ। ତେଣୁ ଯଥାଶିଘ୍ର ସ୍କୁଲର ସମସ୍ୟା ଦୂର କରିବାକୁ ଦାବି ହେଉଛି ।

## ଅଘୋଷିତ ବିଦ୍ୟୁତ୍ କାଟ ନେଇ ଅସନ୍ତୋଷ

ନବରଙ୍ଗପୁର,(ସଦାଶିବ ପ୍ରହରାଜ)- ନବରଙ୍ଗପୁର ସହରରେ ଅଘୋଷିତ ବିଦ୍ୟୁତ୍‌କାଟ ଜନସାଧରଙ୍କୁ ଅତିଷ୍ଠ କଲାଣି ଉପଭୋକ୍ତାଙ୍କୁ ୨୮ରୁ ୩୦ ଦିନ ମଧ୍ୟରେ ବିଲ୍ ଦିଆ ନ ଯାଇ ୩୫ରୁ ୩୭ ଦିନର ବିଲ ଦେଇ ୟୁନିଟ ପିଛା ଅଧିକ ବିଲ୍ ଆଦାୟ କରାଯାଉଛି। ସପ୍ତାହକ ମଧ୍ୟରେ ଏହାର ସମାଧାନ କରା ନ ଗଲେ ଭାଜପା କାର୍ଯ୍ୟାଳୟ ଘେରାଉ କରଯିବ ବୋଲି ରାଜ୍ୟକାର୍ଯ୍ୟ କାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝି, ଜିଲା ସାଧାରଣ ସମ୍ପାଦକ ଅଚ୍ୟୁତାନନ୍ଦ ବିଷୋୟୀ, ବିଧାନସଭା ମଣ୍ଡଳୀ ସଂଯୋଜକ ଜ୍ୟୋତିରଞ୍ଜନ କଂସ, ପୂର୍ବତନ ନଗର ସଭାପତି ଅମୂଲ୍ୟ ମିଶ୍ର, ରାଜେନ୍ଦ୍ର ବିଷୋୟୀ ଓ ଦାଶରଥି ପଟ୍ଟନାୟକ ଚେତାବନୀ ଦେଇଛନ୍ତି। ମେଣ୍ଟେନାନ୍ସ ପାଇଁ ବିଦ୍ୟୁତ୍ କାଟ ହେଉଛି। ଏହାର ସମାଧାନ କରାଯିବ ବୋଲି ଏସ୍‌ଡିଓ ଜି.ସତ୍ୟନାରାୟଣ ଆଚାରି କହିଛନ୍ତି।

## ସଂକ୍ଷେପରେ

### ଟ୍ରକ୍ ପଛରେ ପିଟିହୋଇ ବାଇକ ଚାଳକ ମୃତ

ନନ୍ଦାହାଣ୍ଡି, ୯।୧୦(ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ନିଶନାହାଣ୍ଡିରେ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ଟ୍ରକକୁ ପଛପଟୁ ଜଣେ ବାଇକ୍ ଆରୋହୀ ପିଟି ଦେଇଛନ୍ତି। ଉକ୍ତ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଡଙ୍ଗରଭେଜା ଗ୍ରାମର ମନୋଜ ଭତରା (୨୫)। ମନୋଜ ନିଜ ବାଇକରେ ନବରଙ୍ଗପୁରରୁ ଘରକୁ ଫେରୁଥିବାବେଳେ ନିଶନାହାଣ୍ଡି ଗ୍ରାମ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ଟ୍ରକ (ଏପି-୩୧ଟିଇ-୫୧୧୫)କୁ ପଛ ପଟରୁ ପିଟି ଦେଇଥିଲେ। ଖବରପାଇ ଡଙ୍ଗରଭେଜା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଦହଣା ଅଗ୍ନିଶମ ବିଭାଗ ସହାୟତାରେ ମନୋଜଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କେସ ନମ୍ବର ୪୧୩/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବା ଡଙ୍ଗରଭେଜା ଫାଣ୍ଡି ଅଧିକାରୀ ଗୁଣନିଧି ବାଘ କହିଛନ୍ତି।

### ପୁଣି ଦାୟିତ୍ୱ ନେଲେ ତେନ୍ତୁଳିଖୁଣ୍ଟି ସରପଞ୍ଚ

ତେନ୍ତୁଳିଖୁଣ୍ଟି, ୯।୧୦(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲାପାଳ ତେନ୍ତୁଳିଖୁଣ୍ଟି ସରପଞ୍ଚ ଟଭା ନାୟକ ଲେଖି ପଢି ଜାଣି ନଥିବା ଅଭିଯୋଗରେ ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। କିନ୍ତୁ ଟଭା ନାୟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଥିଲେ। ଡବ୍ଲୁପିସି (ସି) ୨୮୦୪୪ /୨୦୨୩ର ଶୁଣାଣି ଅରବିନ୍ଦ ସିହ୍ନା କରି ଓଡ଼ିଆ ଲେଖି ପଢି ପାରୁନଥିବା କାରଣ ପାଇଁ ଅଯୋଗ୍ୟ ଘୋଷଣା ହୋଇ ପାରିବନି ବୋଲି ରାୟ ଶୁଣାଇଥିଲେ। ଟଭା ନାୟକ ସୋମବାର ନିଜ ସମର୍ଥକଙ୍କ ସହ ବିଇଓ ଅଫିସ ଛକରୁ ଶୋଭାଯାତ୍ରାରେ ବାହାରି ପଞ୍ଚାୟତ ପର୍ଯ୍ୟନ୍ତ ଯାଇଥିଲେ। ବରିଷ୍ଠ କଂଗ୍ରେସ ନେତା ଭୀମସେନ ପାଣିଗ୍ରାହୀ, ଜିଲା ଆଦିବାସୀ ସେଲ କଂଗ୍ରେସ ସଭାପତି ଦିଲୀପ ପ୍ରଧାନି, ପୂର୍ବତନ ବିଧାୟକ ଭୁଜବଳ ମାଝି,ମହିଳା ଜିଲା ସଭାନେତ୍ରୀ ପି ନାଗାରତ୍ନମ୍, ଅଜୟ ହିଆଲ, ବ୍ଲକ କଂଗ୍ରେସ ସଭାପତି ପ୍ରହ୍ଲାଦ ହିଆଲ, ନନ୍ଦାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ବୃନ୍ଦାବନ ତ୍ରିପାଠୀ, ପିଣ୍ଟୁ ବିଷୋୟୀ ଉପସ୍ଥିତ ଥିଲେ।

### ଜେଲ କର୍ମଚାରୀ ସାଇବର ଠକେଇର ଶିକାର

#### ଲଟେରିରେ କାର୍ ଉଠିଥିବା କହି ନେଇଗଲେ ୯୪ ହଜାର ଟଙ୍କା

ଉମରକୋଟ, ୯।୧୦ (ସନ୍ତୋଷ ଶତପଥୀ)

ସାଇବର କ୍ରାଇମ ବଢ଼ି ଚାଲିଥିବାବେଳେ ଓଡ଼ିଶା ପୋଲିସ ଏଥିରୁ ବର୍ତ୍ତିବାକୁ ଲୋକଙ୍କୁ ସଚେତନ କରୁଛି। ଏହା ମଧ୍ୟରେ ଜଣେ ଜେଲ୍ କର୍ମଚାରୀ ଏବେ ସାଇବର ଠକେଇର ଶୀକାର ହୋଇଥିବା ଜଣାପଡ଼ିଛି। ସେ ହେଲେ ଉମରକୋଟ ସହର ଦର୍ଗାଗୁଡ଼ାର ଦାମୋଦର ତ୍ରିପାଠୀ (୫୬)। ଦାମୋଦରଙ୍କୁ ଗତ ୫ ତାରିଖ ଅପରାହ୍ନରେ ୮୨୭୩୦୬୭୩୦୪ରୁ ଏକ ଫୋନ କଲ୍ ଆସିଥିଲା। ଏଟେରୀରେ କାର୍ ଉଠିଛି। ଏହାକୁ ଆଣିବାକୁ ହେଲେ ୯୬୭୬୪୮୧୯୫୦ ଯୋଗାଯୋଗ କରିବାକୁ ଦାମୋଦରଙ୍କୁ କହିଥିଲେ। ଦାମୋଦର ଉକ୍ତ ନମ୍ବରେ ଫୋନ୍ କରିବାରୁ ଫୋନ ପେ ମାଧ୍ୟମରେ ୯୪ହଜାର ୫୦୦ ଟଙ୍କା ପଠାଇବାକୁ ଦାମୋଦରଙ୍କୁ କୁହାଯାଇଥିଲା। ୯୪,୫୦୦ ଟଙ୍କା ଫୋନ ପେ ମାଧ୍ୟମରେ ଦାମୋଦର ପଠାଇଥିଲେ। ଏହାପରେ ଗାଡ଼ି ନ ଆସିବାରୁ ସେ ଠକାମୀର ଶିକାର ହୋଇଥିବା ଦାମୋଦର ଜାଣି ସୋମବାର ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ଡମ୍ବରୁଧର ପ୍ରଧାନ କହିଛନ୍ତି।

### ବାଲି ଚାଲାଣ କରୁଥିବା ଟ୍ରାକ୍ଟରରୁ ଜରିମାନା

ପାପଡ଼ାହାଣ୍ଡି,୯।୧୦ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ତହସିଲର ବିଭିନ୍ନ ସ୍ଥାନରେ ସୋମବାର ଚଢ଼ାଉ କରାଯାଇ ବେଆଇନ ବାଲି ଚାଲାଣ କରୁଥିବା ଟ୍ରାକ୍ଟରରୁ ଜରିମାନା ଆଦାୟ ହୋଇଛି। ତହସିଲଦାର ଯୋଗେଶ୍ୱର ଭୋଇଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ସ୍ଥାନରେ ରାଜସ୍ୱ ନିରିକ୍ଷକମାନେ ଚଢ଼ାଉ କରିଥିଲେ। ୨ଟି ଟ୍ରାକ୍ଟରରୁ ୧୫ ହଜାର ଲେଖାଏ ଜରିମାନା ଆଦାୟ କରାଯାଇଛି। ଆଉ ୨ଟି ଜବତ ଟ୍ରାକ୍ଟରର ମାଲିକ ଆସି ନ ଥିବାରୁ ଗାଡ଼ିକୁ ପୁରୁଣା ଥାନାରେ ଅଟକ ରଖାଯାଇଛି। ବେଆଇନ ଚାଲାଣ ବଢୁଥିବାରୁ ରାଜସ୍ୱ କାର୍ଯ୍ୟାଳୟ ପକ୍ଷରୁ ଚଢ଼ାଉ କରାଯାଉଛି।

# ହିଂସା, ନିଶା ପରିତ୍ୟାଗ କରିବାକୁ ପରାମର୍ଶ

### ପୂଖାରୀଗୁଡ଼ାରେ ଗୋଣ୍ଡ ସମାଜର ନୂଆଖାଇ ଭେଟ୍‌ଘାଟ୍

ଚନ୍ଦାହାଣ୍ଡି, ୯।୧୦(ଦିଲୀପ ଦାସ)


ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଗୋଣ୍ଡ ସମାଜ ଲୋକେ ଓ ଅନ୍ୟମାନେ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପୂଖାରୀଗୁଡ଼ା ଗୋଣ୍ଡ ସାଂସ୍କୃତିକ ଭବନ ପଡ଼ିଆରେ ପାନାବେଡ଼ା ଅଞ୍ଚଳରେ ବସବାସ କରୁଥିବା ଗୋଣ୍ଡ ସମ୍ପ୍ରଦାୟ ନୂଆଁଖାଇ ଭେଟ୍‌ଘାଟ୍ କରିଛନ୍ତି। ଗୋଣ୍ଡ ସମାଜ ବ୍ଲକ ସଭାପତି ଯଦୁନାଥ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଏସ୍‌ଡିସି ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ, ରାଇଘର ଅତିରିକ୍ତ ତହସିଲଦାର ଜଗୁ ପୂଜାରୀ, ଜଳନ୍ଧର ମାଝି, ରଘୁ ପୂଜାରୀ, ହୀରାସିଂ ନେତାମ, ସିନାପାଲି ଅଞ୍ଚଳର ଗୋଣ୍ଡ ସାଂସ୍କୃତିକ ସମାଜର ସାମାଜିକ କର୍ମୀ କ୍ରାନ୍ତିକାରୀ ଅମ୍ବିକା ମର୍କାମ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଗୋଣ୍ଡ ସମାଜର ବିକାଶ ଉପରେ ଆଲୋଚନା କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଓ ବାଲ୍ୟବିବାହ ରୋକିବା ଉପରେ ଧ୍ୟାନ ଦେଇ ସମାଜକୁ ଗଢ଼ିବାକୁ ଅତିଥିମାନେ ମତ ଦେଇଥିଲେ।

ଗୋଣ୍ଡ ସମାଜର ବିକାଶ ପାଇଁ ଅର୍ଥ ସହଯୋଗ ଲୋଡ଼ା। ଏଥିସହ ସମାଜ ଶିକ୍ଷିତ ହେଲେ ଆଗକୁ ବଢ଼ିପାରିବ ବୋଲି ଅମ୍ବିକା ମର୍କାମ କହିଥିଲେ। ଆଦିବାସୀଙ୍କ ହକ୍ ଅଧିକାର ପାଇଁ ଯୁବପିଢ଼ି ଆଗକୁ ବଢ଼ିବାକୁ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ହିଂସା ଓ ନିଶା ଗୋଣ୍ଡ ଜାତି ସମାଜକୁ କ୍ଷତି ପହଞ୍ଚାଉଛି। ଏହାକୁ ପରିତ୍ୟାଗ କରିବାକୁ ପଡ଼ିବ ବୋଲି ହୀରାସିଂ ମାଝି କହିଛନ୍ତି। ଆଦିବାସୀ ପରମ୍ପରା, ସଂସ୍କୃତି, ଜୀବନ ଜୀବିକା, ଭାଷା, ସଂସ୍କୃତିର ବିକାଶ ଲାଗି ଆଦିବାସୀ ରୀତିନୀତିକୁ ଗୁରୁତ୍ୱ ଦେବା ଜରୁରୀ ବୋଲି ଉପେନ୍ଦ୍ର ଗଣ୍ଡ କହିଥିଲେ। ଗଣ୍ଡ ସମାଜର ଉନ୍ନତି ଓ ଶିକ୍ଷା ଉପରେ ଗୁରୁତ୍ୱ, ନିଶା ନିବାରଣ ଉପରେ ଦୃଷ୍ଟିଦେଇ ଆଗକୁ ବଢ଼ିବାକୁ ଝରିଗାଁ ବିଧାୟକ କହିଥିଲେ। ବୁଢ଼ାଦେଓ ମନ୍ଦିର ସହ ମନ୍ଦିର ପ୍ରାଙ୍ଗଣରେ ସ୍ୱର୍ଗତ ଯାଦବ ମାଝିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ଜଣାପଡ଼ିଛି। ଖମେଶ୍ୱର ମାଝି ଓ ଲାଲୁପ୍ରସାଦ ମାଝି ମଞ୍ଚ ପରିଚାଳନା କରିଥିଲେ। ଆଦିବାସୀ ପରମ୍ପରା ସମ୍ବନ୍ଧିତ କଛାରପଡ଼ାର ମାଦଳି ନୃତ୍ୟ, ଅମଳିପଦରର ଆଦିବାସୀ ନୃତ୍ୟ ସମେତ ଅନେକ ଆଦିବାସୀ ନୃତ୍ୟ କଳାକାର ଭାଗନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅର୍ଜୁନ ଗଏନ୍ତା, ଡମ୍ବରୁ ମାଝି, ମୁରଲୀଧର ପୂଜାରୀ, ମୋହନ ମାଝି, ସୋମନାଥ ମାଝି, କୁମର ଗାଉଁଟିଆ, ବୀରେନ୍ ମିତ୍ର ମାଝି, ମାର୍କଣ୍ଡ ପୂଜାରୀ, ଦେବୀସିଂ ମାଝି, ଶରତ ଅଣ୍ଟି, ଭୁବନେଶ୍ୱର ମାଝି, ତିରଣ ମାଝି, ପଦୁ ପୋଟା, କମଲୁ ମାଝି, ଚେନସିଂ ପୂଜାରୀ, ଦୁର୍ଯ୍ୟୋଧନ ପୂଜାରୀ ସହଯୋଗ କରିଥିଲେ। ଗଙ୍ଗାରାମ ଅଣ୍ଟି ଧନ୍ୟବାଦ ଦେଇଥିଲେ।

# ଗୋପବନ୍ଧୁଙ୍କ ଜୟନ୍ତୀ ଭୁଲିଗଲା ପ୍ରଶାସନ

### ଶ୍ରଦ୍ଧାଞ୍ଜଳି ଜଣାଇଲେ ଛାତ୍ରୀଛାତ୍ର, ଖବରଦାତା

ଉମରକୋଟ, ୯।୧୦(ସନ୍ତୋଷ ଶତପଥୀ)



ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ପାଳନ କରିବାକୁ ଭୁଲି ଯାଇଛି ଉମରକୋଟ ପୌରପ୍ରଶାସନ। ଏହା ଦେଖିବା ପରେ ଗୋପବନ୍ଧୁଙ୍କୁ ଛାତ୍ରୀଛାତ୍ର ଓ ଖବରଦାତା ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ଉମରକୋଟ ସହର ଡିଏନକେ ଛକରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ରହିଛି। ଉକ୍ତ ପ୍ରତିମୂର୍ତ୍ତିରେ କୌଣସି ଫୁଲମାଳ ପଡ଼ି ନ ଥିବା କିମ୍ବା ସେଠାରେ କୌଣସି କାର୍ଯ୍ୟକ୍ରମ ହେଉ ନ ଥିବା ଦେଖି ଶହୀଦ୍ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲର ଶିକ୍ଷକ ଘଟଣା ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଶିକ୍ଷକ ରାମ ତୁରୁକ୍‌ଙ୍କ ସହ ଅନ୍ୟ କେତେଜଣ ଶିକ୍ଷକ, ଖବରଦାତା ଅନୁରାଗ ପଟ୍ଟନାୟକ, ସଞ୍ଜିତ ବିଶ୍ୱାସ, କୃଷ୍ଣପ୍ରସାଦ ପଟ୍ଟନାୟକ, ସନ୍ତୋଷ ଶତପଥୀ ସେଠାରେ ପହଞ୍ଚି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସଫା କରିଥିଲେ। ପରେ ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର, ସ୍କୁଲ ମୁଖ୍ୟ ତଥା ବରିଷ୍ଠ ବିଜେଡି ନେତା ଜୟଦେବ କୁମାର ପରିଡ଼ା ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଖବରପାଇ ଉମରକୋଟ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ରଷି ମାଝି ଦିନ ୧୨.୨୦ରେ ସେଠାରେ ପହଞ୍ଚି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇଥିଲେ। ଗୋପବନ୍ଧୁଙ୍କ ଜନ୍ମଦିନ ଭୁଲି ଯାଇଥିବା ସ୍ୱୀକାର କରିବା ସହ ସେ ନିଜ ଭୁଲ ମାନିଥିଲେ। ଏହାକୁ ନିନ୍ଦା କରିବା ସହ ଆଗକୁ କିପରି ଏମିତି ଭୁଲ୍ ପ୍ରଶାସନ ପକ୍ଷରୁ ଯେପରି ନ ହେବ ସେଥିପ୍ରତି ଯତ୍ନବାନ ହେବାକୁ ଜୟଦେବ କୁମାର ପରିଡ଼ା ପରାମର୍ଶ ଦେଇଛନ୍ତି।

# ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ



ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଡାବୁଗାଁ, ୯।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ନବରଙ୍ଗପୁର ଜିଲା ପୋଲିସ ପକ୍ଷରୁ ସାଇବର କ୍ରାଇମରୁ ସୁରକ୍ଷା ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସାଇବର ସୁରକ୍ଷା ରଥକୁ ଡାବୁଗାଁରେ ପୋଲିସ, ଗ୍ରାମବାସୀ ସ୍ୱାଗତ କରିଥିଲେ। ଥାନା ପରିସରରୁ ଏକ ଶୋଭାଯାତ୍ରାରେ ରଥ ବାହାରି ସହର ପରିକ୍ରମା କରି ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଥିଲା। ସେଠାରେ ଏକ ସଚେତନତା ସଭା କରାଯାଥିଲା। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ ପଟ୍ଟନାୟକ, ତହସିଲଦାର କୃଷ୍ଣଚନ୍ଦ୍ର ଦାଶ, ବିଡିଓ ଶରତ ମାଝି, ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ଏସ୍‌ବିଆଇ ଶାଖା ପରିଚାଳକ ନୀତିଶ ସ୍ୱାଇଁ, ଡେପୁଟି ରେଞ୍ଜର ସୁକୁମାର ଦୁଖୁ, ପ୍ରଧାନଶିକ୍ଷକ ପ୍ରଭାସ ଚନ୍ଦ୍ର ରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ପୋଲିସ ବିଭାଗର ସାଇବର ଏକ୍ସପୋର୍ଟ ଉମାକାନ୍ତ ସାହୁ ସାଇବର କ୍ରାଇମ ଉପରେ ବୁଝାଇଥିଲେ। ସାଇବର ଠକେଇରୁ ରକ୍ଷା ପାଇବା ପାଇଁ ଓଟିପି ସେୟାର ନ କରିବା, କଠିନ ପାସୱାର୍ଡ ବ୍ୟବହାର କରିବା, ନିଜର ପାସୱାର୍ଡ କାହାକୁ ନ ଦେବା, ବିଳମ୍ବିତ ରାତ୍ରିରେ ଅଜଣା ବ୍ୟକ୍ତିଙ୍କ ଭିଡିଓ କଲକୁ ନ ଉଠାଇବାକୁ ପରାମର୍ଶ ଦେଇଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରଶ୍ନ ପଚରା ଯାଇଥିଲା। ଏହାର ଉତ୍ତର ଦେଇଥିବା ପଦ୍ମାବତୀ ନାୟକ, ପୁନମ ମିଶ୍ର ଓ ଜି. ବିନ୍ଦୁ ସାଗରଙ୍କୁ ପୁରସ୍କୃତ କରାଯାଇଛି। ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅପରାହ୍ନରେ ଡାବୁଗାଁ ଭୈରବ ମହାବିଦ୍ୟାଳୟରେ ସାଇବର ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସନ୍ଧ୍ୟାରେ ଡାବୁଗାଁ ବଜାରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଡାବୁଗାଁ ଥାନା ଆଇଆଇସି ସୁନୀଲ ପ୍ରଧାନ, ସବଇନ୍ସପେକ୍ଟର ବିଜୁରାମ ବାଗ ଓ ଚନ୍ଦନ ସାହୁ, ଏଏସ୍‌ଆଇ ଶିଶିରକାନ୍ତ ଘୋଷ, ସିମାଞ୍ଚଳ ମହାରଣା, ପୋଲିସ କର୍ମଚାରୀ, ଅଙ୍ଗନୱାଡି କର୍ମୀ, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## କଲେଜରେ ଗୋପବନ୍ଧୁ ଜୟନ୍ତୀ

ନବରଙ୍ଗପୁର,୯।୧୦ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଟିରଲିଆମ୍ବାଗୁଡ଼ାରେ ଥିବା ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସମ୍ମାନ ଓ ଜାତୀୟ ସେବା ଯୋଜନା ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମବାର୍ଷିକୀ ପାଳନ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡ ଅରବିନ୍ଦ କୁମାର ଓଝା ମୁଖ୍ୟବକ୍ତାଭାବେ ଯୋଗଦେଇ ଉତ୍କଳମଣୀଙ୍କ ଜୀବନ ସଂଗ୍ରାମ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତାଭାବେ ଇଂରାଜୀ ଭାଷା ସାହିତ୍ୟର ବିଭାଗୀୟ ମୁଖ୍ୟ ହୃଷୀକେଶ ସୁବୁଦ୍ଧି ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ କିପରି ବନ୍ୟାପ୍ରପିଡିତଙ୍କ ନିମନ୍ତେ ଜୀବନ ଉତ୍ସର୍ଗ କରିଥିଲେ ବୋଲି କହିଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ରାଜୀବ ଓଡ଼ିଶାର ମୁକ୍ତି ସଂଗ୍ରାମରେ ଗୋପବନ୍ଧୁଙ୍କ ଭୂମିକା ସମ୍ପର୍କରେ କହିଥିଲେ। ସ୍ୱେଚ୍ଛାସେବୀଙ୍କୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ଜିଭିଭି ରଞ୍ଜିତା ଗୋପବନ୍ଧୁଙ୍କ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ସୁଲୋଚନା ନାୟକ ସତ୍ୟବାଦୀ ବନବିଦ୍ୟାଳୟରେ କିପରି ଗୋପବନ୍ଧୁ ମଙ୍ଗଧରିଥିଲେ,ସେସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ସମ୍ମାନିତ କରିଥିଲେ। ଶ୍ରବଣ କୁମାର ପୁଝାରୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଡ ନୀଳକଣ୍ଠ ତ୍ରିପାଠୀ, ଦୁଲାରୀ କିଶକୁ, ରଞ୍ଜୁଲତା କଅଁର, ମୋନାଲିସା ନାଗ, ପଲ୍ଲବୀ ସାହୁ, ବିକ୍ରମ ଭକ୍ତ, ସୁମନ୍ତ ବଘେଲଙ୍କ ସମେତମ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ନବରଙ୍ଗପୁର ଫଟୋଗ୍ରାଫର ପୁରସ୍କୃତ



କୋଷାଗୁମୁଡ଼ା, ୯।୧୦(ପ୍ରସାଦ ବିଷୋୟୀ)

ଭୁବନେଶ୍ୱର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ୟୁନିଭର୍ସିଟିରେ ଓଡ଼ିଶା ଫଟୋ ଏକ୍ସପୋ ୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ତିନି ଦିନ ଧରି ଚାଲିଥିଲା । ଏଥିରେ ନବରଙ୍ଗପୁର ଜିଲା ଫଟୋଗ୍ରାଫର ଆସୋସିଏଶନ ସଭାପତି ତଥା କୋଷାଗୁମୁଡା ଫଟୋଗ୍ରାଫର ପ୍ରଣବ ପଟ୍ଟନାୟକ ଓ ଉମେଶ ତିଲଇ ପୁରସ୍କୃତ ହୋଇଛନ୍ତି । ଆଗାମୀ ଦିନରେ ନବରଙ୍ଗପୁର ଜିଲାରେ ମଧ୍ୟ ଏପରି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସଭାପତି ପଟ୍ଟନାୟକ କହିଛନ୍ତି।

## ଉପକାରାଗାର ଅନ୍ତେବାସୀଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ନବରଙ୍ଗପୁର, ୯।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଉପକାରାଗାର ପରିସରରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଜିଲା ନିଯୁକ୍ତି ଅଧିକାରୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ସ୍ୱରୋଜଗାର ପ୍ରଶିକ୍ଷଣ ସଂସ୍ଥାନ ନବରଙ୍ଗପୁର ଓ ଓରମାସ ପକ୍ଷରୁ ମିଳିତ ଉଦ୍ୟମରେ ମାସିକିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଉପକାରାଗାର ପରିସରରେ କରାଯାଇଛି। ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସଞ୍ଜୀବ ଦୁବେଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ତେବାସୀଙ୍କୁ ବିଭିନ୍ନ ସେବାମୂଳକ, ସାଧାରଣ ଉଦ୍ୟୋଗି, ଉତ୍ପାଦନ ଓ କୃଷି ଭିତ୍ତିକ ତାଲିମ ଦିଆଯିବ। ଅତିଥିଭାବେ ଜିଲା ନିଯୁକ୍ତି ଅଧିକାରୀ ଆନନ୍ଦ ପଲେଇ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ସ୍ୱରୋଜଗାର ପ୍ରଶିକ୍ଷଣ ସଂସ୍ଥାନ ନବରଙ୍ଗପୁର ନିର୍ଦ୍ଦେଶକ ସୁନାରାମ ମୁର୍ମୁ ତାଲିମ ପ୍ରଦାନ କରିଥିଲେ। ଅନ୍ୟ ଅତିଥିଭାବେ ନବରଙ୍ଗପୁର ଉପକାରାଗାର ଅଧ୍ୟକ୍ଷ ଦେବେନ୍ଦ୍ର ଥାଟି, ରିନା ନିଷାଦ ଏବଂ ତପସ୍ୱିନୀ ଦାସ ଯୋଗ ଦେଇଥିଲେ। ଡିଏଲ୍‌ଏସ୍‌ଏ ସଚିବ ଜନକ ରାଉତ ଶିବିରର ପରିଚାଳନା କରିଥିଲେ।

## ଏରିୟର ରିକଭରି ଟିମ୍‌ଙ୍କ ପୁନଃ ନିଯୁକ୍ତି ଦାବି


ନବରଙ୍ଗପୁର,୯।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସବ୍‌ଡିଭିଜନର ୧୦ ସେକ୍ସନର ଏରିୟର ରିକଭରି ଟିମ(ଏଆର୍‌ଟି) କର୍ମଚାରୀଙ୍କ ନିଯୁକ୍ତି ଚୁକ୍ତି ୧୦ ଦିନ ହେବ ଶେଷ ହୋଇଯାଆଇଛି। ସେମାନଙ୍କଠାରୁ ମେସିନଗୁଡିକ ସଂସ୍ଥା ନେଇଯାଇଛି। ଏକ ମାସ ହେବ ଦରମା ମିଳିନାହିଁ। ୫ ମାସର ପେଟ୍ରୋଲ ଖର୍ଚ୍ଚ ଜଣକ ପିଛା ୨୭୩୦ ଟଙ୍କା ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ନେଇ ସେମାନେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିବାକୁ ଆସିଥିଲେ। ଅଧିକାରୀ ଅନୁପସ୍ଥିତ ଥିବାରୁ ହଟହଟା ହେବାକୁ ପଡିଥିଲା। ସୁରିୟା ଏଜେନ୍ସି ମାଧ୍ୟମରେ ଆଉଟ ସୋରସିଂଭାବେ ନିଯୁକ୍ତି ପାଇଥିବା ଏଆର୍‌ଟି କର୍ମଚାରୀମାନେ ଏବେ ପୁନଃ ନିଯୁକ୍ତି ଦାବି କରିଛନ୍ତି। ଏନେଇ ଏସଡିଓ ଜି. ସତ୍ୟନାରାୟଣ ଆଚାରୀ ସଂସ୍ଥା ସହ ଆଲୋଚନା ଚାଲିଛି। ତୁରନ୍ତ ଏହାର ସମାଧାନ କରାଯିବ ବୋଲି କହିଛନ୍ତି।

## ମନଜିଣିଲା ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ

ତେନ୍ତୁଳିଖୁଣ୍ଟି, ୯।୧୦(ଚିଦାନନ୍ଦ ସାହୁ)

ସଂକଳ୍ପ ସପ୍ତାହର ଶେଷ ଦିନରେ ତେନ୍ତୁଳିଖୁଣ୍ଟି ବ୍ଲକ ଅଫିସ ପ୍ରାଙ୍ଗଣରେ ଏକ କାର୍ଯ୍ୟକ୍ରମ କକରାଯାଇଛି। ବ୍ଲକର କୃଷି, ଉଦ୍ୟାନ, ପଶୁସମ୍ପଦ, ଶିକ୍ଷା ସ୍ୱାସ୍ଥ୍ୟ ବିଭାଗକୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଏନ୍‌ଜିଇଓ କର୍ମକର୍ତ୍ତା, ଏସ୍‌ଏଚ୍‌ଜି, ମିଶନ ଶକ୍ତି ମହିଳା, ବିଭିନ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀ, ଏବିଡିଓ କୃପାନିଧି ନାୟକ, ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ, ସହକାରୀ ଶିକ୍ଷାଧିକାରୀ ମୋହନ ମଧୁସୂଦନ ବାଘ, ପ୍ରାଣୀ ବିଭାଗ ଅଧିକାରୀ ମହେନ୍ଦ୍ର ସମରଥ, ଅଗ୍ରଗାମୀ ପ୍ରକଳ୍ପ ସଂଯୋଜକ ଜଗନ୍ନାଥ ଜେନାଙ୍କ ସହିତ ଓଡିଶା ମିଲେଟ୍ ମିଶନ ବ୍ଲକ ସଂଯୋଜକ ଅବିନାଶ ପଣ୍ଡା ଏବଂ ନିଶାନ୍ତ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ମିରାମିଲ ଫାଉଣ୍ଡେସନ ସୌରଭ ଉପାଧ୍ୟାୟ, ପ୍ରାଚୀ ଚୌଧୁରୀ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ଲଗାଯାଇଥିଲା। କୃଷିବିଭାଗ ଏବଂ ଓଡିଶା ମିଲେଟ୍ ମିଶନ ପକ୍ଷରୁ ମଧ୍ୟ ଏକ ଷ୍ଟଲ ଲଗାଯାଇ ଖାଦ୍ୟ ମେଳାର ଆୟୋଜନ କରାଯାଇଥିଲା। ଏଥିରେ ମାଣ୍ଡିଆ ଲଡ୍ଡୁ, ମାଣ୍ଡିଆ ଗୁଲାବଯାମୁନ, ମାଣ୍ଡିଆ କେକ, ମାଣ୍ଡିଆ ମିକ୍ସର, ମାଣ୍ଡିଆ ଖଜୁ, ମାଣ୍ଡିଆ ପେଜ, କାଙ୍ଗୁ ଭେଜ ବିରିୟାନୀ, କାଙ୍ଗୁ ଖିରି ଆଦି ସ୍ଥାନ ପାଇଥିଲା।


ଖାଦ୍ୟ ଷ୍ଟଲରେ ଲୋକଙ୍କ ଭିଡ଼ ଜମିଛି ।

## 'ରେଳପ୍ରକଳ୍ପ ନେଇ ଜମି ଦେବାକୁ କହି ଭୁଲିଗଲେ ରାଜ୍ୟ ସରକାର'

- ଭାଜପା ଖବରଦାତା ସମ୍ମିଳନୀରେ ଅଭିଯୋଗ
- ଜୟପୁର-ନବରଙ୍ଗପୁର ରେଳପଥ

ନବରଙ୍ଗପୁର,୯।୧୦(ସଦାଶିବ ପ୍ରହରାଜ)



ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ।

ଜୟପୁର-ନବରଙ୍ଗପୁର ରେଳପଥ ପାଇଁ ରାଜ୍ୟ ସରକାର ଜମି ଯୋଗାଇଲେ ନାହିଁ। କେନ୍ଦ୍ର ସରକାର ବଜେଟରେ ଜୟପୁର-ନବରଙ୍ଗପୁର ରେଳ ପ୍ରକଳ୍ପ ପାଇଁ ୭୨୦ କୋଟି ଟଙ୍କା ରଖି ସାରିଛନ୍ତି। ରାଜ୍ୟ ସରକାର ଜମି ଅଧିଗ୍ରହଣ କରି ରେଳ ବିଭାଗକୁ ହସ୍ତାନ୍ତର ଓ ୫୦ ପ୍ରତିଶତ ଅର୍ଥ ବହନ କରିବେ ବୋଲି ପ୍ରତିଶ୍ରୁତି ଦେଇ ଭୁଲି ଯାଇଛନ୍ତି ବୋଲି ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ସୋମବାର ଖବରଦାତା ସମ୍ମିଳନୀ କରି ଦଳ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝି ଅଭିଯୋଗ କରିଛନ୍ତି।

ରାଜ୍ୟରେ ମେଟ୍ରୋ ରେଳ ପ୍ରକଳ୍ପ ପ୍ରତିଷ୍ଠା ଲାଗି ୫୯୨୯ କୋଟି ଟଙ୍କା କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ୨୦୨୪ ଜାନୁୟାରୀ ୧ରେ ମୁଖ୍ୟମନ୍ତ୍ରୀ ଏହାର ଶୁଭଦେବାର କାର୍ଯ୍ୟକ୍ରମ ରହିଛି। ୨୦୧୬ ଅକ୍ଟୋବର ୧୦ରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ନବରଙ୍ଗପୁର-ଜୟପୁର ରେଳ ପ୍ରକଳ୍ପ ପାଇଁ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା। ୫ ବର୍ଷରେ ପ୍ରକଳ୍ପ କାର୍ଯ୍ୟ ସରିବ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ନବରଙ୍ଗପୁର ଜିଲାରୁ ରାଜ୍ୟ ସରକାର ଜମି ଅଧିଗ୍ରହଣ ନ କରିବା ବିଡ଼ମ୍ବନାର ବିଷୟ ବୋଲି ଭାଜପା ଅଭିଯୋଗ କରିଛି।

ଏହା ରାଜ୍ୟ ସରକାରଙ୍କ ଜିଲାବାସୀଙ୍କ ପ୍ରତି ବୈମାତୃକ ମନୋଭାବ ନୁହେଁ କି ବୋଲି ଭାଜପା ପ୍ରଶ୍ନ କରିଛି। ଜିଲାର ଜନପ୍ରତିନିଧିମାନେ ରେଳ ପ୍ରକଳ୍ପ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ତଥା ଅତି ଆବଶ୍ୟକ ଯୋଜନାକୁ ଅଣଦେଖା କରିବା ଜନବିରୋଧୀ। ରାଜ୍ୟ ସରକାରଙ୍କ ଆଗରେ ଜିଲାର ବିଜେଡି ଏମ୍‌ପି, ବିଧାୟକ ଓ ଦଳର ସମସ୍ତ ଜନପ୍ରତିନିଧି କେନ୍ଦ୍ର ସରକାରଙ୍କ ଦ୍ୱାରା ରେଳ ପ୍ରକଳ୍ପ କରିବା ଦାବି ରଖନ୍ତୁ ବୋଲି ସେ କହିଛନ୍ତି। ଜିଲାର ଉଚ୍ଚ ଶିକ୍ଷା, ଗମନାଗମନ, ବାଣିଜ୍ୟ, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଭଳି ବିଭିନ୍ନ ଜରୁରୀ ବିକାଶର ମାର୍ଗ ବର୍ତ୍ତମାନ ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟି ଗଲାଣି ବୋଲି ଜନସାଧାରଣଙ୍କ ଧାରଣା। ରେଳ ପ୍ରକଳ୍ପ ଏବଂ ଅନ୍ୟ ବିକାଶମୁଖୀ ଯୋଜନା ଯଦି ଯଥାଶୀଘ୍ର କାର୍ଯ୍ୟକାରୀ ନ ହୁଏ ଭାଜପା ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବ ବୋଲି ଚେତାବନୀ ଦେଇଛି। ଏହି ଖବରଦାତା ସମ୍ମିଳନୀରେ ଜିଲା ସାଧାରଣ ସମ୍ପାଦକ ଅଚ୍ୟୁତାନନ୍ଦ ବିଷୋୟୀ, ବିଧାନସଭା ମଣ୍ଡଳୀ ସଂଯୋଜକ ଜ୍ୟୋତିରଞ୍ଜନ କଂସ, ପୂର୍ବତନ ନଗର ସଭାପତି ଅମୂଲ୍ୟ ମିଶ୍ର, ରାଜେନ୍ଦ୍ର ବିଷୋୟୀ ଓ ଦାଶରଥି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଦେଶୀ ମଦ ଚାଲାଣ ବେଳେ ଜଣେ ଗିରଫ

ଜୟପୁର, (ପବନ ପାଣିଗ୍ରାହୀ) -ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀମାନେ ସୋମବାର ଚଢ଼ାଉ କରି ଜଣକୁ ଗିରଫ କରିଛନ୍ତି। ସେ ହେଲେ ଗଡ଼ପଦର ଗ୍ରାମର ଧବୁଲୁ ହରିଜନ (୩୨)। ଧବୁଲୁ ଏକ ବାଇକ୍‌ରେ ମଦ ଚାଲାଣ କରୁଥିବା ଅବକାରୀ ବିଭାଗ ସୂଚନା ପାଇ ଜୟନଗର ଛକରେ ଜଗି ତାଙ୍କୁ ଧରିଥିଲେ। ତାଙ୍କଠାରୁ ୧୮ ଲିଟର ଦେଶୀ ମଦ ଜବତ କରାଯାଇଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି।

## ସଂକ୍ଷେପରେ

### ଅଭିଯୋଗ ଶୁଣାଣି

ଜୟପୁର, ୯।୧୦ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ଜୟନ୍ତିଗିରିଠାରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ରାଜୀବ ଦାସ, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କେ.ଏସ. ନିସା, ସରପଞ୍ଚ, ଜିଆର୍‌ଏସ୍, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ, ହର୍ଟିକଲଚର, କୃଷି ବିଭାଗ, ଯୋଗାଣ ସହାୟକଙ୍କ ସହ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଅଧିକାରୀମାନଙ୍କୁ ନୂତନ ରାସ୍ତା ନିର୍ମାଣ, ରାସ୍ତା ମରାମତି, ପାନୀୟ ଜଳ ସମସ୍ୟା ନେଇ ଅଭିଯୋଗ ଜଣାଇଥିଲେ। ଏହି ଅବସରରେ ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କିତ ଅଭିଯୋଗର ଶୁଣାଣି ହୋଇଥିଲା। ହିତାଧିକାରୀମାନେ ବିଭିନ୍ନ ସରକାରୀ ଯୋଜନାରୁ କିପରି ସୁଫଳ ପାଇବେ ସେନେଇ ଅଧିକାରୀମାନେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ସମୟରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ହୋଇଥିଲା। ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାସହ ଔଷଧ ପ୍ରଦାନ କରାଯାଇଥିଲା।

### ଆମ୍ବେଦକର ଛକର ବିକାଶମୂଳକ କାର୍ଯ୍ୟ ଆରମ୍ଭ

ଜୟପୁର, ୯।୧୦ (ପବନ ପାଣିଗ୍ରାହୀ)

ଜୟପୁର ଆମ୍ବେକର ଛକର ବିକାଶମୂଳକ କାର୍ଯ୍ୟ ସୋମବାର ଆରମ୍ଭ ହୋଇଛି। ରାସ୍ତାର ପଶସ୍ତୀକରଣ ସହ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ହେବ । ଏଥିପାଇଁ ଜୟପୁର ପୌରପାଳିକା ପକ୍ଷରୁ ୧୯ ଲକ୍ଷ ୫୪ ହଜାର ୭୨୧ ଟଙ୍କା ବ୍ୟୟବରାଦ ହୋଇଛି। ଟ୍ରାଫିକ ଛକ ନିକଟରେ ଅମ୍ବେଡକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି।

### ଆଇନ ସାକ୍ଷରତା ସଚେତନତା ଶିବିର

ଜୟପୁର,୯।୧୦ (ପବନ ପାଣିଗ୍ରାହୀ )

ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୋମବାର ଏକମ୍ବସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟଠାରେ ପ୍ରାଧିକରଣ ସଚିବ ସୁମନ ଜେନାଙ୍କ ତତ୍ତ୍ୱାବଧାନରେ ଆଇନ ସାକ୍ଷାରତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ଅନୁଷ୍ଠାନଗୁଡ଼ିକ ସହ ଲୋକଙ୍କୁ ସେମାନଙ୍କର ଅଧିକାର ବିଷୟରେ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଉପସ୍ଥିତ ଛାତ୍ରୀଛାତ୍ରୀଙ୍କୁ ସାଇବର ଠକେଇର ଶିକାର ନ ହେବା,୧୮ ବର୍ଷରୁ କମ୍ ବୟସରେ ବିବାହ ନ କରିବା, ଅତି ମାତ୍ରାରେ ମୋବାଇଲ ବ୍ୟବହାର ନ କରିବା, ଅଜଣା ଲୋକମାନଙ୍କଠାରୁ ଦୂରେଇ ରହିବା,ସବୁବେଳେ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରାଧିକରଣ ସଚିବ ଜେନାଙ୍କ ସହ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ମିଶ୍ର ଉପସ୍ଥିତ ଥିଲେ।

### ରାସ୍ତାରେ ଅଳିଆ ଜମା କରି ଜରିମାନା ଗଣିଲେ

ଜୟପୁର,୯।୧୦(ପବନ ପାଣିଗ୍ରାହୀ)

ହାଟପଦା ଅଞ୍ଚଳରେ ଥିବା ଏକ ଟାଟା ସୋରୁମ ନିଜ ଦୋକାନର ଅଳିଆ ସବୁ ରାସ୍ତା ଉପରେ ପକାଉଥିଲେ। ଏ ନେଇ ଅଭିଯୋଗ ହେବା ପରେ ପେରପାଳିକା ପକ୍ଷରୁ ଯାଞ୍ଚ କରାଯାଇ ତାଙ୍କଠାରୁ ୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପ୍ରଥମ ଥର ପାଇଁ ତାଙ୍କଠାରୁ ଏହି ଜରିମାନା ଆଦାୟ ହୋଇଛି। ଏହା ନିୟମିତ ଜାରି ରହିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକକହିଛନ୍ତି।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ

### ୪୭ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ

କୋରାପୁଟ,୯।୧୦(ଅମିତାଭ ବେହେରା)


ଅତିଥିମାନେ କ୍ରୀଡା ମଶାଲକୁ ସ୍ଥାପନ କରୁଛନ୍ତି।

କୋରାପୁଟ ସରକାରୀ ମହାବିଦ୍ୟାଳୟର ୪୭ତମ ବର୍ଷିକ କ୍ରୀଡା ଉତ୍ସବ- ୨୦୨୩ ସୋମବାର ଉଦଘାଟିତ ହୋଇଛି। ମହାବିଦ୍ୟାଳୟ ମିନି ଷ୍ଟାଡିୟମଠାରେ ଅଧକ୍ଷ ଦୀପକ ପଟ୍ଟନାୟକଙ୍କ ପୌରୋହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଏସ୍‌ଏଫ୍ ଡିଆଇଜି ଶୈଳେଶ କୁମାର ଯୋଗଦେଇ ଛାତ୍ରୀଛାତ୍ରମାନେ କ୍ରୀଡ଼ାରେ ନିଜକୁ ସାମିଲ କଲେ ଭବିଷ୍ୟତରେ ଭାରତ ଅଧିକରୁ ଅଧିକ ଆଲମ୍ପିଆନ୍ସ ସୃଷ୍ଟି ହୋଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି କମାଣ୍ଡାଣ୍ଟ ଜଗଦିଶ ଧ୍ରବାଇ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ କ୍ରୀଡାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଅଧକ୍ଷ ପଟ୍ଟନାୟକ ଏସିଆନ୍ ଗେମ୍ସରେ ଭାରତ ଉତ୍ତମ ପ୍ରଦର୍ଶନ କରିଛି। ମହିଳାମାନଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ଥିଲା ବୋଲି ପ୍ରକାଶ କରିଥିଲେ। ଚଳିତବର୍ଷ ୪୩ଟି ଇଭେଣ୍ଟରେ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଛି। ଏହା ତିନି ଦିନବ୍ୟାପୀ ଚାଲିବ ବୋଲି ଅଥଲେଟିକ ଆସୋସିଏସନ୍ ଉପଦେଷ୍ଟା ଅମରେଶ ଆଚାରି ସୂଚନା ଦେଇଥିଲେ। କ୍ରୀଡା ପରିଷଦ ସଦସ୍ୟ ଡ. ପ୍ରକାଶ ପ୍ରଧାନ, ମନୋରଞ୍ଜନ ନାୟକ, ଅର୍ଜ୍ଜୁନ ଚରଣ ବେହେରା, କ୍ରୀଡା ଶିକ୍ଷକ ଅରୁଣ ମୁଦୁଲି ଆୟୋଜକ ଥିବା ବେଳେ ଏହାକୁ କୁଳଦୀପ ଲାକ୍ରା, ଡ.ସୁଶିଲ ଗଡ଼ନାୟକ, ଡ. ଶିବରାମ ବଡରଇତ, ତପନ ବେହେରା, ଡ. ପ୍ରୀତିଧାରା ସାମଲ, ଏମ ଦୀପକ କୁମାର ପ୍ରମୁଖ ପରିଚାଳନା କରୁଛନ୍ତି।

# କେନ୍ଦ୍ରୀୟ ଟିମ୍‌ର ଉନ୍ନୟନ କାର୍ଯ୍ୟ ସମୀକ୍ଷା

### ଜଳ ଜୀବନ ମିଶନ, ସ୍ୱଚ୍ଛ ଭାରତ ଅଭିଯାନ

ଉମରକୋଟ, ୯।୧୦(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକରେ ଜଳ ଜୀବନ ମିଶନ ଓ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟ ସମୀକ୍ଷା ପାଇଁ କେନ୍ଦ୍ରୀୟ ଟିମ୍ ପହଞ୍ଚିଛନ୍ତି। କେନ୍ଦ୍ରୀୟ ଟିମ୍‌ରେ ଦେବାସ ଭରଦ୍ୱାଜ, ସାଇନାଥ.ଡି ରହିଛନ୍ତି। ଏହି ୨ ଜଣିଆ ଟିମ ୫ ଦିନ ରହିବେ। ଉମରକୋଟ ଓ ଝରିଗାଁ ବ୍ଲକର ୧୬ ଗ୍ରାମକୁ ଯାଇ କାର୍ଯ୍ୟ ତଦାରଖ କରିବେ। କେନ୍ଦ୍ର ସରକାର ଏହି ୨ ଯୋଜନା ପାଇଁ କୋଟି କୋଟି ଟଙ୍କା ପ୍ରଦାନ କରୁଛନ୍ତି। ଅର୍ଥ କେଉଁ କାର୍ଯ୍ୟରେ ଲାଗିଛି ଓ ଏହାର ସଫଳତାକୁ ଏହି ଟିମ ତଦାରଖ କରିବ।

ଏହି ଟିମ ଉମରକୋଟ ବ୍ଲକର ବଡ଼ଭରଣ୍ଡି ପଞ୍ଚାୟତର ପୂଜାରିଗୁଡା, ସାନଭରଣ୍ଡି, ଖାତିଗୁଡା ଓ ମୁଣ୍ଡିଗୁଡା ପଞ୍ଚାୟତ ଉଲୁଣ୍ଡୁଗୁଡା ଗ୍ରାମକୁ ଯାଇଥିଲେ। ପୂଜାରୀଗୁଡା ଗ୍ରାମ ଗସ୍ତ କରି ପମ୍ପ ଗୃହ ପରିଚାଳନା ଦାୟିତ୍ୱରେ ଥିବା ମହିଳା ଗୋଷ୍ଠୀଙ୍କୁ ସାକ୍ଷାତ କରିଥିଲେ। ପୂଜାରିଗୁଡା ବିଦ୍ୟାଳୟ ଭିତରେ ଥିବା ଶୌଚାଳୟ, ଲୋକଙ୍କ ଘରର ଶୌଚାଳୟ ଓ ଘରକୁ ଜଳ ଯୋଗାଣରେ ଅବ୍ୟବସ୍ଥା ଦେଖି ଉପସ୍ଥିତ ଅଧିକାରୀଙ୍କୁ ବିଗିଡ଼ିଥିଲେ। ଅନ୍ୟ ଗ୍ରାମ ଗୁଡିକରେ ଜଳ ଯୋଗାଣ, ଅଙ୍ଗନୱାଡି ଗୃହ, ଶୌଚାଳୟ, ଆବାସ ଗୃହ, ଶୋକପିଟ ପ୍ଲାଟଫର୍ମ କାର୍ଯ୍ୟ ନିରୀକ୍ଷଣ କରିଥିଲେ। ଏହି ସମୟରେ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିବେକ ରଞ୍ଜନ ବେହେରା, ବିଡିଓ ହିମାଞ୍ଚଳ ମାଝି, ଉମରକୋଟ ବ୍ଲକ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ସଂକେତ ନାୟକ, ଗ୍ରାମ୍ୟ ଜଳ ଯୋଗାଣ ଏସ୍‌ଡିଓ ବୌଦରାମ ଗୁରୁ, ଶୁଭଶ୍ରୀ ବାରିକ, ଚିନ୍ମୟ ମିଶ୍ର ପ୍ରମୁଖ କେନ୍ଦ୍ରୀୟ ଟିମ ସହ ଉପସ୍ଥିତ ଥିଲେ।


କେନ୍ଦ୍ରୀୟ ଟିମ୍ ମହିଳାଙ୍କ ସହ ଆଲୋଚନା କରୁଛନ୍ତି।

# କୁନ୍ଦୁରା ବ୍ଲକ ଉନ୍ନୟନ କାର୍ଯ୍ୟରେ ବାଧକ ବିଡିଓ ବଦଳି

### ଦୁଇ ବର୍ଷରେ ବଦଳିଲେଣି ୩ ବିଡିଓ

କୁନ୍ଦୁରା,୯।୧୦ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଏକ ଆଦିବାସୀ ଅଧୁଷିତ ଅଞ୍ଚଳ ରୂପେ ପରିଚିତ। ଏଠାରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରିତାରେ ବାଧକ ସାଜୁଛି ବିଡିଓଙ୍କ ବଦଳି। ଗତ ଦୁଇ ବର୍ଷ ମଧ୍ୟରେ ଏଠାରୁ ୩ ଜଣ ବିଡିଓ ସ୍ନେହପ୍ରଭା ମାଝୀ, ସନ୍ଧ୍ୟା ସମରଥ ଏବଂ ବିଚିତ୍ରାନନ୍ଦ ନାୟକଙ୍କ ବଦଳି ହେଲାଣି। ନିକଟରେ କାର୍ଯ୍ୟରତ ବିଡିଓ ନାୟକଙ୍କ ବଦଳି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଡିଓ ସ୍ନେହପ୍ରଭା ଏଠାରେ ୨ ବର୍ଷ କାର୍ଯ୍ୟ କରିବା ପରେ ତାଙ୍କର ବଦଳି ହୋଇଥିଲା। ବିଡିଓ ସମରଥଙ୍କ ଏଠାରେ ଦେଢବର୍ଷ କାର୍ଯ୍ୟ କରିବା ପରେ ବଦଳି ହୋଇଥିଲ। ବାରମ୍ବାର ବିଡିଓମାନଙ୍କ ବଦଳି ଯୋଗୁ ଉନ୍ନୟନମୂଳକ ପ୍ରକଳ୍ପଗୁଡିକ ଶେଷ ହେବାରେ ବିଳମ୍ବ ହେବା ସହ ଶେଷ ହୋଇଥିବା ପ୍ରକଳ୍ପଗୁଡିକର ବିଲ୍ ହେବାରେ ବିଳମ୍ବ ହେଉଛି। ଗତ ତିନି ମାସ ତଳେ ବ୍ଲକରେ ଯୋଗ ଦେଇଥିବା ବିଡିଓ ବିଚିତ୍ରାନନ୍ଦ ନାୟକଙ୍କୁ ଏବେ ବଦଳି କରାଯାଇଛି। ଆଗାମୀ ଦିନରେ ତାଙ୍କ ସ୍ଥାନରେ ଜଣେ ନୂତନ ବିଡିଓ ଆସିବେ। ବର୍ତ୍ତମାନର କାର୍ଯ୍ୟରତ ବିଡିଓ ନାୟକ ରାଜ୍ୟ ସରକାରଙ୍କ ପକ୍ଷରୁ ଆସୁଥିବା ଉନ୍ନୟନମୂଳକ ଯୋଜନାକୁ ସଫଳ କାର୍ଯ୍ୟକାରିତା ନେଇ ପଞ୍ଚାୟତ ସ୍ତର ଏବଂ ବ୍ଲକ ସ୍ତରରେ କର୍ମଚାରୀଙ୍କୁ ବିଭିନ୍ନ ସମୟରେ ତାଗିଦ କରୁଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଗୃହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ କଠୋର ହୋଇ ପଡୁଥିଲେ। ବ୍ଲକ୍‌ରେ ୫-ଟି ରୂପାନ୍ତରିକରଣ କାର୍ଯ୍ୟ ହେଉ କିମ୍ବା ବୃଦ୍ଧାବୃଦ୍ଧଙ୍କ ପେନସନ ଯୋଜନାରେ ସରକାରଙ୍କ ପକ୍ଷରୁ ଆସୁଥିବା ଅର୍ଥ ଯେପରି ମଧ୍ୟସ୍ଥଙ୍କ ହାତକୁ ନ ଯାଉ ସେଥିପ୍ରତି ସେ ଗୁରୁତ୍ୱ ଦେଇ ଆସୁଥିଲେ। ଫଳରେ ଏହା ତାଙ୍କ ବଦଳିର କାରଣ ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ ତାଙ୍କ କାର୍ଯ୍ୟଧାରା ଓ ଲୋକପ୍ରିୟତା ହେତୁ ତାଙ୍କ ବଦଳି ବାତିଲ କରିବାକୁ ଅଞ୍ଚଳବାସୀ ସରକାରଙ୍କ ନିକଟରେ ଦାବି କରିଛନ୍ତି।

### ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଫେରାର ଅଭିଯୁକ୍ତ ଗିରଫ

ପଟ୍ଟାଙ୍ଗି,୯।୧୦(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗିରେ ଗଞ୍ଜେଇ ଚୋରାଚାଲାଣ କରୁଥିବା ଜଣେ ଅଭିଯକ୍ତଙ୍କୁ ପଟ୍ଟାଙ୍ଗି ପୋଲିସ ଗିରଫକରି କୋର୍ଟଚାଲାଣ କରିଛି। ସେ ହେଲେ ସମ୍ବାଇ ପଞ୍ଚାୟତ ପଣ୍ଡେଇ ଗ୍ରାମର ସନୁ ଆଡକାଟିଆ। ସୋନୁ ଗଞ୍ଜେଇ ଚୋରାଚାଲାଣ କରି ଦୀର୍ଘଦିନ ହେଲା ପୋଲିସ ଆଖିରେ ଧୂଳି ଦେଇ ଫେରାର ରହିଥିଲେ। ଗତ ଜୁନ୍ ୧୫ରେ ସୁଙ୍କି ଅଞ୍ଚଳରେ ସୋନୁ ଗଞ୍ଜେଇ ଚୋରା ଚାଲାଣ କରୁଥିବା ସୂଚନା ପାଇ ପଟ୍ଟାଙ୍ଗି ଓ ସୁଙ୍କି ପୋଲିସ ମିଳିତଭାବେ ଚଢ଼ାଉ କରିଥିଲେ। ଏହି ସମୟରେ ଏଥିରେ ସମ୍ପୃକ୍ତ ଥିବା ମହାରାଷ୍ଟ୍ରର ଅର୍ଜ୍ଜୁନ ହେମନ୍ତ ପାଟିଲ୍ ଏବଂ ଭୀମ ରାଓ ପ୍ରକାଶ ପାଟିଲଙ୍କୁ ପୋଲିସ କରିଫ କରିଥିବା ବେଳେ ସୋନୁ ଫେରାର ହୋଇ ଯାଇଥିଲେ। କେସ୍ ନଂ. ୭୮/୨୩। ସୂଚନାଯୋଗ୍ୟ, ସ୍ଥାନୀୟ ଥାନାରେ ନୂତନ ଥାନାଧିକାରୀ ଭାବେ ନାୟକ ଯୋଗଦେବା ପରେ ଫେରାର ଅଭିଯୁକ୍ତମାନଙ୍କ ନାମରେ ରହିଥିବା ୱାରେଣ୍ଟଗୁଡିକୁ କାର୍ଯ୍ୟକାରୀ କରିବା ନେଇ ତତ୍ପରତା ପ୍ରକାଶ କରିଛନ୍ତି।

# ୨୬ ବର୍ଷ ବିତିଲା ସ୍ଥାୟୀ ପରବ ପଡିଆ ନୋହିଲା

କୋରାପୁଟ, ୯।୧୦ (ଅମିତାଭ ବେହେରା )

କୋରାପୁଟ ଜିଲାର ଆଦିବାସୀ ଲୋକ ମହୋତ୍ସବ ପରବକୁ ୨୬ ବର୍ଷ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ପରବ ପଇଁ ସ୍ଥାୟୀ ପଡିଆଟିଏ ହୋଇ ପାରିନାହିଁ। ପରବ ଆସିଲେ ବର୍ଷକୁ ଥରେ ପରବ ପଡିଆ ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକରେ ମନେପଡେ। ମାତ୍ର ପରବ ଶେଷ ହେଲେ ଅଧିକାରୀମାନେ ଏହା ଭୁଲିଯାଆନ୍ତି। ସ୍ଥାୟୀ ପଡିଆ ଓ ମଣ୍ଡପ ନ ଥିବାରୁ ପ୍ରତିବର୍ଷ କାର୍ଯ୍ୟକ୍ରମ ହେଉଥିବା ସ୍ଥାନରେ ମଣ୍ଡପ ତିଆରି ପାଇଁ ବହୁ ଅର୍ଥ ଖର୍ଚ୍ଚ ହୋଇଥାଏ। ଏହି ଅର୍ଥ ଅଯଥା ଖର୍ଚ୍ଚ ହେଉଥିବା ସାଧାରଣରେ ଆଲୋଚନା ହେଉଛି। କୋରାପୁଟ ଜିଲାର ଏହି ଆଦିବାସୀ ମହୋତ୍ସବ ପରବର ମହକ ରାଜ୍ୟ ଏବଂ ଜାତୀୟ ସ୍ତରରେ ପହଞ୍ଚି ସୁନାମ ଅର୍ଜନ କରଛି। ପରବ ପୋଲିସ ପରେଡ ପଡିଆ, ଷ୍ଟାଡିୟମ ଏବଂ ପରେ ସରକାରୀ ମହାବିଦ୍ୟାଳୟ ଆଦି ବିଭିନ୍ନ ସ୍ଥାନରେ ହେଉଛି। ସୂଚନାଯୋଗ୍ୟ, ପରବ ମଣ୍ଡପ ପାଇଁ ୩ ବର୍ଷ ତଳେ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ନିକଟସ୍ଥ ଉମୁରି ରାସ୍ତାରେ ଥିବା ରାଜସ୍ୱ ଜମିରେ ପରବ କରାଯିବା ପାଇଁ ଜାଗା ଚିହ୍ନଟ ହୋଇ ଭୂମି ପୂଜନ ହେଲା ମାତ୍ର ତାହା ସେତିକିରେ ସୀମିତ ରହିଲା।

# ଶ୍ମଶାନ ପାଇଁ ସ୍ଥାନ ଦେବାକୁ ଗ୍ରାମବାସୀଙ୍କ ଦାବି


ଉପଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

ଜୟପୁର, ୯।୧୦ (ପବନ ପାଣିଗ୍ରାହୀ)

ରଣ୍ଡାପାଲି ପଞ୍ଚାୟତର ପାତ୍ରଗୁଡ଼ା ଓ ଟାଙ୍କୁଗୁଡ଼ା ଗ୍ରାମବାସୀ ସୋମବାର ଶ୍ମଶାନ ପାଇଁ ଜାଗା ଦେବାକୁ ଉପଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି । ଦୁଇ ଗ୍ରାମରେ ପରଜା ଓ ଗାଦବା ସମ୍ପ୍ରଦାୟର ଆଦିବାସୀମାନେ ଦୀର୍ଘ ବର୍ଷ ଧରି ବସବାସ କରି ଆସୁଛନ୍ତି। ବର୍ତ୍ତମାନ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ନୂତନ କ୍ୟାମ୍ପସ ନିର୍ମାଣ କରିବାକୁ ଜମି ଚିହ୍ନଟ କରାଯାଇଛି। ଚିହ୍ନଟ ଜମି ସେମାନଙ୍କ ଶ୍ମଶାନ ଭିତରେ ରହିଛି। ଫଳରେ ଏବେ ଗ୍ରାମର କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ ମୃତଦେହ ସତ୍କାର ସକାଶେ ସ୍ଥାନର ଅଭାବ ହେଉଛି। ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପ୍ରଶାସନ ମୃତଦେହ ସତ୍କାର କରିବାକୁ ସେମାନଙ୍କୁ ସ୍ଥାନ ଯୋଗାଇଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ଗ୍ରାମର ବିଶ୍ୱନାଥ ପୂଜାରୀ, କୁଲୁ ପରଜା, ଚୈତନ୍ୟ ଗାଦବାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ନୂତନ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ ଦାବିକଲେ ଗ୍ରାମବାସୀ

ଜୟପୁର ୯।୧୦ (ପବନ ପାଣିଗ୍ରାହୀ)

ବୈପାରିଗୁଡ଼ା ବ୍ଲକର ଚେରକା ଗ୍ରାମ ସହ ଅନ୍ୟ ୪ ଗ୍ରାମର ସାହିବାସିନ୍ଦା ଏକାଠି ହୋଇ ସେମାନଙ୍କ ଗ୍ରାମରେ ନୂତନ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ ନେଇ ସୋମବାର ଜୟପୁର ଉପଜିଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି। ଏହି ଅବସରରେ ସେମାନେ ଏକ ଦାବିପତ୍ର ଦେଇଛନ୍ତି। ବୈପାରିଗୁଡ଼ା ବ୍ଲକର କଣ୍ଡାଗୁଡା, ରାଉଲ୍ୟାଗୁଡା, କଦମ୍ବପଦର ସହ ଅନ୍ୟ ଏକ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନାହିଁ। ଫଳରେ ଏହି ୪ ଗ୍ରାମର ଗର୍ଭବତୀ, ଶିଶୁ ପୁଷ୍ଟିକର ଖାଦ୍ୟ ପାଇବାରେ ହଇରାଣ ହେଉଛନ୍ତି। ଟିକା ମଧ୍ୟ ନେଇପାରୁନାହାନ୍ତି। ଏହି ୪ ଗ୍ରାମରେ ୪୫ ଘର ରହିଛି। ଜନସଂଖ୍ୟା ୧୭୦। ଏନେଇ ପ୍ରଶାସନକୁ ବାରମ୍ବାର ଜଣାଇ କିଛି ସୁଫଳ ମିଳୁନାହିଁ। ସେମାନଙ୍କ ଦାବି ପୂରଣ ନ ହେଲେ ଗ୍ରାମବାସୀ ଆଗାମୀ ଦିନରେ ଭୋଟ ବର୍ଜନ କରିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

### ବ୍ୟାଟେରି ଚୋରି ଅଭିଯୋଗରେ କର୍ମଚାରୀ ଗିରଫ

ଜୟପୁର,୯।୧୦(ପବନ ପାଣିଗ୍ରାହୀ)

ସ୍ଥାନୀୟ ପାରାମାଉଣ୍ଟ ଅଟୋ ମୋବାଇଲସରୁ ୭ତାରିଖରେ ଏକ ବ୍ୟାଟେରି ଚୋରି ହୋଇଥିଲା। ଏନେଇ ଟାଉନଥାନାରେ ବିକ୍ରି ମୁଖ୍ୟ ସୁରେଶ ମହାନ୍ତି ଅଭିଯୋଗ କରିଥିଲେ। ମାମଲାର ତଦନ୍ତ କରି ପୋଲିସ ଅଟୋ ମୋବାଇଲସରେ କାର୍ଯ୍ୟ କରୁଥିବା ଜଣେ ସୁପରଭାଇଜରଙ୍କୁ ଗିରଫ କରିଛି। ସେ ହେଲେ ରାୟଗଡା ଜିଲା ରାମଣାଗୁଡା ଥାନା ଅର୍ନ୍ତଗତ ଟାମ୍ବରାଗୁଡା ଗ୍ରାମର କାହ୍ନୁ ଚରଣ ରତ୍ନାଲୁ। ଏସ୍‌ଆଇ ସଞ୍ଜୀବ ମହାନ୍ତି ଘଟଣାର ତଦନ୍ତ କରୁଥିଲେ। କାହ୍ନୁଙ୍କ ନିକଟରୁ ବ୍ୟାଟେରି ଜବତ ହୋଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

# ଜୁହାର ପରିବାର ପାଳିଲା ନୂଆଁଖାଇ ଭେଟଘାଟ

ସୁନାବେଡ଼ା,୯।୧୦(କୃତ୍ତିବାସ ପ୍ରଧାନ)

ସୁନାବେଡ଼ାସ୍ଥିତ ହାଲ୍‌ରେ କାମ କରୁଥିବା ପଶ୍ଚିମ ଓଡ଼ିଶାର ଲୋକେ ଗଠନ କରିଛନ୍ତି ଜୁହାର ପରିବାର। ଏହି ସଙ୍ଗଠନ ପକ୍ଷରୁ ପ୍ରଥମଥର ପାଳିତ ହୋଇଛି ନୂଆଁଖାଇ ଭେଟଘାଟ। ରବିବାର ସ୍ଥାନୀୟ ପାନ୍ଥିକାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ରଘୁରାମ ପଡାଲ ଯୋଗଦେଇ ନୂଆଖାଇ ଉପରେ ଆଲୋକପାତ କରିବା ସହ ନୂଆଖାଇ କେବଳ ପଶ୍ଚିମ ଓଡ଼ିଶାରେ ସୀମିତ ନୁହେଁ, ଏହା ସାରା ଓଡ଼ିଶା ଏବଂ ଭାରତବର୍ଷର କୋଣ ଅନୁକୋଣରେ ବହୁ ଆଡମ୍ବରରେ ପାଳନ କରାଯାଉଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ହାଲ୍‌ର ଅତିରିକ୍ତ ମହାପ୍ରବନ୍ଧକ ଏନ୍. ଶ୍ରୀନିବାସନ, ଉପମହାପ୍ରବନ୍ଧକ ଦିଗାମ୍ବର ପ୍ରଧାନ, ଶୋଭେନ ସାମଲ, ଅରବିନ୍ଦ ସ୍ୱାମୀ, ଦେବୀ ପ୍ରସାଦ ରଥ ପ୍ରମୁଖ ଯୋଗଦେଇଥିଲେ। ଜୁହାର ପରିବାରର ସଭାପତି ଦୀନେଶ ମହାପାତ୍ର ସଭାପତିତ୍ୱ କରିଥିଲେ। ଛନ୍ଦାଚରଣ ଖମାରୀ ପରିଚାଳନା କରିଥିଲେ। ଈଶ୍ୱର ଚନ୍ଦନ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ସୁନାବେଡ଼ା ପୌର ଅଧକ୍ଷ ଡ. ରାଜେନ୍ଦ୍ର ପାତ୍ର, ହାଲ୍ ଔଦ୍ୟୋଗିକ ସ୍ୱାସ୍ଥ୍ୟ କେନ୍ଦ୍ରର ଉପମୁଖ୍ୟ ଡା.ସଞ୍ଜୟ ମହାପାତ୍ର, ସୁନାବେଡ଼ା ଥାନାଧିକାରୀ ରମଣୀ ରଞ୍ଜନ ଦଳେଇ, ଉପ ମହାପ୍ରବନ୍ଧକ ଶ୍ରୀଚନ୍ଦନ ରାଉତରାୟ, ବିଜେଡି ଜିଲା ସାଧାରଣ ସମ୍ପାଦକ ଅମିତ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ନୂଆଁଖାଇର ସାମାଜିକ ଦିଗ ଉପରେ ଆଲୋଚନା କରିଥିଲେ। ଜୁହାର ପରିବାରର କୁନି କୁନି ପିଲା ଓ ମହିଳାମାନେ ନୃତ୍ୟ ପରିବେଷଣ କରିଥିଲେ।

# ଜନଶୁଣାଣି ଶିବିରରେ ଶୁଣାଣି ହେଲା ୨୪ ଅଭିଯୋଗ

ସେମିଳିଗୁଡ଼ା/ସୁନାବେଡ଼ା,୯।୧୦ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ସୋମବାର ସେମିଳିଗୁଡା ବ୍ଲକ ସଭାଗୃହରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସ୍‌ଲୱାରଙ୍କ ଅଧକ୍ଷତାରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୪ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେମିଳିଗୁଡା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକେ ବ୍ୟକ୍ତିଗତ ଓ ସାମୂହିକ ଅସୁବିଧା ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗଗୁଡିକର ତୁରନ୍ତ ସମାଧାନ ନେଇ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଅଧୀନ ସମସ୍ତ ପଞ୍ଚାୟତରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ଗମନାଗମନ ଓ ପାନୀୟ ଜଳ ସମସ୍ୟା ନେଇ ଶିବିରରେ ଆଲୋଚନା ହୋଇଥିଲା। ଏହି ମିଳିତ ଅଭିଯୋଗ ଶୁଣାଣିରେ ଉପଜିଲାପାଳ ବେଣୁଧର ଶବର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀକାନ୍ତ ବେହେରା, ପିଏ ଆଇଟି ଡିଏ ସୌମ୍ୟ ସାର୍ଥକ ମିଶ୍ର ,ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅରୁଣ ପାଢ଼ୀ, ବିଡିଓ ଲକ୍ଷ୍ମୀନାରାୟଣ ସାବତ, ସେମିଳିଗୁଡ଼ା ତହସିଲଦାର ଜ୍ୟୋତିରାଣୀ ରଥ, ସୁନାବେଡ଼ା ପୌର ନିର୍ବାହୀ ଅଧିକାରୀ ନାରାୟଣ ନାୟକ, ବ୍ଲକ ଅଧୀକ୍ଷଣ ଯନ୍ତ୍ରୀ ସୃଷ୍ଟି ସିଂହାସିନୀ ମଲ୍ଲିକ, ବନାଞ୍ଚଳ ଅଧିକାରୀ ତିରୁପତି ପଣ୍ଡା, ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ,ବ୍ଲକ ଉପାଧ୍ୟକ୍ଷ ଶିବା ବାଙ୍ଗାରିଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସରପଞ୍ଚ ଓ ସମିତିସଭ୍ୟମାନେ ବିଭିନ୍ନ ଦାବି ନେଇ ଦୀର୍ଘଦିନ ହେବ ଆନ୍ଦୋଳନ ଚଳାଇଛନ୍ତି। ଶିବିରରେ ସେମାନଙ୍କ ଅନୁପସ୍ଥିତିର ପ୍ରଭାବ ଦେଖିବାକୁ ମିଳିଛି। ଜିଲାପାଳଙ୍କ ମିଳିତ ଜନଶୁଣାଣି ସମ୍ପର୍କରେ ସେମିଳିଗୁଡ଼ା ବ୍ଲକର ୧୭ଟି ପଞ୍ଚାୟତର ଗ୍ରାମଗୁଡିକରେ ଖବର ପହଞ୍ଚିପାରି ନାହିଁ।


ଜଣେ ମହିଳା ଅଧିକାରୀମାନଙ୍କୁ ନିଜ ଅଭିଯୋଗ ଜଣାଉଛନ୍ତି।

# ଶିକ୍ଷକଙ୍କୁ କୁଭି, ଦେଶିଆ ଭାଷା ଉପରେ ଶିକ୍ଷାଦାନକୁ ଗୁରୁତ୍ୱ

### ସିୟୁଓରେ ତିନିଦିନିଆ ପରିବର୍ତ୍ତନଶୀଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

କୋରାପୁଟ,୯।୧୦(ଅମିତାଭ ବେହେରା)

କୋରାପୁଟ ଜିଲାରେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ସଶକ୍ତ କରିବା ଏବଂ କୁଭି ଓ ଦେଶିଆ ଭାଷାଭାଷୀ ଛାତ୍ରୀଛାତ୍ରଙ୍କ ଶିକ୍ଷାଗତ ଅଭିଜ୍ଞତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) କୋରାପୁଟ,ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଏବଂ ଏନସିଇଆର୍‌ଟି ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଛି। ସିୟୁଓ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆସନ୍ତା ୧୧ ପର୍ଯ୍ୟନ୍ତ ଚାଲିବ। ୬୦ ଜଣ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କୁ କୁଭି ଓ ଦେଶିଆ ଭାଷାରେ ଶିକ୍ଷାଦାନ କରିବା, ଏନେଇ ଆବଶ୍ୟକ ଜ୍ଞାନ ଏବଂ ଦକ୍ଷତା ପ୍ରଦାନ କରିବା, ଜାତୀୟ ଶିକ୍ଷା ନୀତି-୨୦୨୦ର ଲକ୍ଷ୍ୟ ସହିତ ସମନ୍ୱୟ ରକ୍ଷା କରିବା, ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏହି ଅବସରରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏନଇପି-୨୦୨୦ରେ ଦର୍ଶାଯାଇଥିବା ମାତୃଭାଷାର ପ୍ରଚାର, ପ୍ରସାର ଓ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏନସିଇଆର୍‌ଟିର ଆର୍‌ଆଇଇର ଅଧକ୍ଷ ପ୍ରଫେସର ପିସି ଅଗ୍ରୱାଲ, ସିୟୁଓ ରେଜିଷ୍ଟ୍ରାର ପ୍ରଫେସର ଏନ୍ ସି ପଣ୍ଡାଙ୍କ ସମେତ ୧୦ଜଣ ଭାଷା ବିଶେଷଜ୍ଞ ଉପସ୍ଥିତ ଥିଲେ। ପ୍ରଫେସର ଅଗ୍ରୱାଲ ଶିକ୍ଷାର ପରିବର୍ତ୍ତିତ ଦୃଷ୍ଟିକୋଣ ଏବଂ ସମାଜ ଗଠନରେ ଯୁବଗୋଷ୍ଠୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସଂସ୍କୃତି ଓ ଭାଷା ଏକାସାଙ୍ଗରେ ଚାଲିଥାଏ ଏବଂ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷା ଦେବା ଦ୍ୱାରା ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ହୋଇ ଶିକ୍ଷାର ମାନ ବୃଦ୍ଧି ହୋଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ। ପ୍ରଫେସର ପଣ୍ଡା ପିଲାମାନଙ୍କ ପାଇଁ ସୂଚନାର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହେଉଛି ମାତୃଭାଷା ବୋଲି କହିଥିଲେ। ଏନସିଇଆର୍‌ଟି ଆସୋସିଏଟ୍ ପ୍ରଫେସର ଡ. ରଶ୍ମିରେଖା ସେଠୀ ସ୍ୱାଗତ ସୂଚନା ଦେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ ସଂଯୋଜକ ଡ. କପିଳା ଖେମୁଣ୍ଡୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିୟୁଓର ଅଧ୍ୟାପକଙ୍କ ସମେତ କୋରାପୁଟ ଜିଲାର ବିଭିନ୍ନ ବ୍ଲକର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନସମ୍ପର୍କ ଅଧିକାରୀ ଡ.ଫଗୁନାଥ ଭୋଇ, କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କମାନ୍ଦୁ, କୋରାପୁଟ ନବୋଦୟ ବିଦ୍ୟାଳୟ ସମିତି ଅଧ୍ୟକ୍ଷା ମିଲାନୀ ମିତ୍ରା, ଡାକ୍ତର ପୂର୍ଣ୍ଣଚନ୍ଦ୍ର ତନ୍ତୀ, ଶିକ୍ଷକ ତରୁଣ କୁମାର ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

